**ମହାପ୍ରଭୁଙ୍କର ହେଲା ମହାସ୍ନାନ**

**ପୁରୀ ଅଫିସ:** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ମହାସ୍ନାନ ହୋଇଛି। ଜଣେ ଭକ୍ତ ଶ୍ରୀମନ୍ଦିର ପରିସରରେ ବାନ୍ତି କରି ଦେବାରୁ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ଉଠିବା ପରେ ଏହି ଘଟଣା ଘଟିଥିବା ଜଣାପଡିଛି। ଫଳରେ ନୀତିକାନ୍ତିରେ ମଧ ସାମାନ୍ୟ ବିଳମ୍ବ ହୋଇଥିଲା। ପରେ ସିଂହାସନ ଧୁଆ ହୋଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇ ମହାସ୍ନାନ ପୂଜା କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୦।୨୦୨୧

| | |
|---|---|
| ୨,୭୭,୯୭୧ ଟଙ୍କା | |
| ସୁନା | ୩.୬୦୦ ଗ୍ରାମ |
| ରୁପା | ୩୧୫.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କ ୫୧ତମ ଶ୍ରାଦ୍ଧଉତ୍ସବ, ଶ୍ରୀୟା ଛକ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ୟୁନିଟ-୩, ସକାଳ ୯ଟା।
- ଢେଙ୍କାନାଳ କଲଚରାଲ ଆସୋସିଏଶନ, ବାଜି ରାଉତ ସ୍ମୃତି ପରିଷଦ ଓ ଢେଙ୍କାନାଳ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଶହୀଦ ବୀର ବାଜି ରାଉତଙ୍କ ଜୟନ୍ତୀ ପାଳନ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଗାନ୍ଧିଜୀଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାରୀ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ଲୋହିଆ ଏକାଡେମୀ, ୟୁନିଟ-୯, ପୂର୍ବାହ୍ନ ୧୧ଟା। ଷ୍ଟେଟ ପ୍ରାଣନାଥ ମେମୋରିଆଲ କମିଟି ପକ୍ଷରୁ ପ୍ରାଣନାଥ ଆୱାର୍ଡ ଉତ୍ସବ ଓ ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ଉତ୍ସବ, ବୁଦ୍ଧ ମନ୍ଦିର ଅଡିଟୋରିୟମ, ହାଉସିଂ ବୋର୍ଡ ଅଫିସ ସମ୍ମୁଖ, ସନ୍ଧ୍ୟା ୬ଟା।

**ବୋଲଗଡ଼**

- ସାଧନା ଶିଳ୍ପ ତାଲିମ କେନ୍ଦ୍ର ଓ କଂଗ୍ରେସର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର, ଶିଳ୍ପ ତାଲିମ କେନ୍ଦ୍ର ପରିସର, ବାଙ୍କୋଇ ସକାଳ ୯ଟା।
- ପରମାନନ୍ଦ ମହାବିଦ୍ୟାଳୟର ଏନ୍ଏସ୍ଏସ୍, ଏନ୍ସିସି, ୱାଇଆର୍ସି ପକ୍ଷରୁ ରକ୍ତଦାନ ଶିବିର, ମହାବିଦ୍ୟାଳୟ ପରିସର, ବୋଲଗଡ଼, ସକାଳ ୯ଟା।

# ଆରମ୍ଭ ହେଲା 'ଛାତ୍ର ପ୍ରୋତ୍ସାହନ ଯୋଜନା'

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

## ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରଙ୍କୁ ମିଳିବ ମାଗଣା ଇଞ୍ଜିନିୟରିଂ, ମେଡିକାଲ କୋଚିଂ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସୋମବାର 'ଛାତ୍ର ପ୍ରୋତ୍ସାହନ ଯୋଜନା'ର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ବର୍ଷ ରାଜ୍ୟର ୩୨୦ଜଣ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ମାଗଣାରେ ଉତ୍କୃଷ୍ଟ କୋଚିଂ ଯୋଗାଇ ଦେବେ। ମେଧା ଭିତ୍ତିରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଓ ବିଭାଗ ପରିଚାଳିତ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯିବ। ଏକ ଅନ୍ତର୍ଭୁକ୍ତୀକରଣ ଆଭିମୁଖ୍ୟ ମାଧ୍ୟମରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ସେମାନେ ପଢୁଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିବେଶରେ କୋଚିଂ ପ୍ରଦାନ କରାଯିବ। ଏହାଦ୍ୱାରା ଦୁର୍ଗମ ଅଞ୍ଚଳରେ ରହୁଥିବା ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରଙ୍କ ମେଧା ଦକ୍ଷତା, ପ୍ରତିଭା ଓ ପ୍ରତିଯୋଗୀ



ଅତିଥିଙ୍କଠାରୁ ଦୁଇ ଛାତ୍ରୀଛାତ୍ର ଟାବ୍ଲେଟ୍ ଗ୍ରହଣ କରୁଛନ୍ତି।

ମନୋଭାବ ବିକଶିତ ହୋଇପାରିବ। ଚଳିତବର୍ଷ ମନୋନୀତ ଛାତ୍ରୀଛାତ୍ରମାନେ ୨୦୨୩ ବର୍ଷର ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବେ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି।

ତାଙ୍କ ସୂଚନାନୁସାରେ, ରାଜ୍ୟର ୧୪ ଜିଲାରେ ବିଭାଗ ଦ୍ୱାରା ପରିଚାଳିତ ୬୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ପ୍ରତିବର୍ଷ ଏହି ବର୍ଗର ୩୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥାନ୍ତି। ଏମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ୭ଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଥିପାଇଁ ମନୋନୀତ କୋଚିଂ ଏଜେନ୍ସିଗୁଡ଼ିକ ପ୍ରତ୍ୟକ୍ଷ ଭାବେ (ଅନ୍-ସାଇଟ୍) ଉକ୍ତ ଉତ୍କର୍ଷ କେନ୍ଦ୍ରରେ ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ପ୍ରଦାନ କରିବେ।

ଏହି ଅବସରରେ ଉକ୍ତ କୋଚିଂ ଏଜେନ୍ସିଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିସହ ଏମ୍ପି ଡ. ଅମର ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ନିମନ୍ତେ ସାଂସଦ ପାଣ୍ଠିରୁ ୨୦୦ଟି ଟାବ୍ଲେଟ୍ ପ୍ରଦାନ କରିଥିଲେ। ଟାବ୍ଲେଟ୍ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଡିଜିଟାଲ ଶିକ୍ଷା ଗ୍ରହଣ କରିପାରିବେ ଓ ଘରେ ଥିବା ସମୟରେ ପ୍ରଶିକ୍ଷକଙ୍କ ସହିତ ସଂଯୁକ୍ତ ହୋଇ ପାରିବେ ବୋଲି ଏମ୍ପି ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଆନ୍ତର୍ଜାତିକ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ

**ପୁରୀ ଅଫିସ,୪।୧୦**

ଇଣ୍ଡିଆନ ଟ୍ରଷ୍ଟ ଫର୍ ଆର୍ଟ ଓ କଲ୍ଚର ଆନୁକୂଲ୍ୟରେ ଆର୍ନ୍ତଜାତିକ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପୁରୀ ୨୦୨୧ ବଡ଼ଦାଣ୍ଡସ୍ଥିତ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ୩ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଷ୍ଟାଲିନ ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ୩ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅତିଥିଭାବେ ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଯୋଗଦାନ କରିଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଏବଂ ତୃତୀୟ ତଥା ଶେଷ ସନ୍ଧ୍ୟାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୩୮୦ଜଣ କଳାକାର ଯୋଗଦାନ କରି କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ନାଟ୍ୟକାର ଉପେନ୍ଦ୍ର ଶର୍ମା ଏବଂ ଗୁରୁ ମନମୋହନ ଶର୍ମା ପରିଚାଳନା କରିଥିଲେ।

# ସୋଲ, ତାରକସିରେ ଶୋଭା ପାଇବ ମେଢ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

## ମା'ଙ୍କୁ ଅନ୍ଲାଇନ୍ରେ ଦର୍ଶନ କରିବେ ଶ୍ରଦ୍ଧାଳୁ

କରୋନା କଟକଣା ଭିତରେ ଚଳିତବର୍ଷ ଦୁର୍ଗାପୂଜା ହେବ। ଇତିମଧ୍ୟରେ ବିଭିନ୍ନ ଶକ୍ତିପୀଠଗୁଡିକରେ ମା'ଙ୍କ ଷୋଡ଼ଶ ଦିନାତ୍ମକ ଉପଚାର ବିଧି ଆରମ୍ଭ ହୋଇଥିବାବେଳେ ଜଗଜ୍ଜନନୀ ମା'ଙ୍କୁ ସ୍ୱାଗତ ପାଇଁ ସମସ୍ତ ପୂଜା ମଣ୍ଡପରେ ପ୍ରସ୍ତୁତି ଚାଲିଛି। ରାଜଧାନୀର ଅନ୍ୟତମ ପ୍ରମୁଖ ଆୟୋଜକ ରସୁଲଗଡ ଦୁର୍ଗା ପୂଜା କମିଟି ଗତବର୍ଷ ପରି ଏଥର ମଧ୍ୟ ନିରାଡମ୍ବର ତଥା ନିଆରା ଭାବେ ପୂଜା ପାଳନ କରିବାକୁ ନିଷ୍ପତ୍ତି ନେଇଛି। ପ୍ରତିବର୍ଷ ଏଠାରେ ସୁଉଚ୍ଚ ତୋରଣ ସାଙ୍ଗକୁ ମା'ଙ୍କର ମୃଣ୍ମୟୀ ମୂର୍ତ୍ତିକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। କେତେବେଳେ ରାଜପ୍ରାସାଦର ଝଲକ ଦେଖିବାକୁ ମିଳେ ତ ଆଉ କେତେବେଳେ ଇନ୍ଦ୍ରପୁରୀ, ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ମନ୍ଦିର ଆକୃତିର ତୋରଣ ଦେଖିବାକୁ ମିଳେ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନା ବଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରେ। ହେଲେ ଚଳିତବର୍ଷ ଏଠାରେ କରୋନା ଗାଇଡ୍ଲାଇନ୍ ଅନୁଯାୟୀ ୪ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣ କରାଯାଉଛି। ସୁନିଆ ତିଥିରୁ ମାଟି ଅନୁକୂଳ ପରଠୁ ଚାଲିଥିବା ମୂର୍ତ୍ତି ନିର୍ମାଣ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୂର୍ତ୍ତି ନିର୍ମାଣ କୋଲକାତାର କାରିଗର କରୁଥିବାବେଳେ ମେଢ ନିର୍ମାଣର ଦାୟିତ୍ୱ ନେଇଛନ୍ତି କଟକ କାରିଗର। ସୋଲ ଓ ତାରକସି କାମରେ ମା'ଙ୍କ ମେଢ ଶୋଭା ପାଇବ। ପୂର୍ବରୁ ୫୦ଲକ୍ଷଟଙ୍କାରୁ ଉର୍ଦ୍ଧ୍ୱ ବଜେଟ୍ ରହୁଥିବାବେଳେ ଏବର୍ଷ ୫ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ରଖାଯାଇଛି। ଏଥିରେ ମୂର୍ତ୍ତି ନିର୍ମାଣ, ଷଷ୍ଠୀରୁ ଆରମ୍ଭ କରି ଦଶମୀ ପର୍ଯ୍ୟନ୍ତ ମା'ଙ୍କର ବିଲ୍ୱବରଣୀ, ସମସ୍ତ ପୂଜା ନୀତି ସମ୍ପୂର୍ଣ୍ଣ ହେବ। ସେହିପରି ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ କଟକଣା ରହିଛି। ତେବେ ଶ୍ରଦ୍ଧାଳୁମାନେ ଯେପରି ମା'ଙ୍କ ଦର୍ଶନରୁ ବଞ୍ଚିତ ନ ହେବେ ସେଥିପାଇଁ କମିଟି ପକ୍ଷରୁ ମା'ଙ୍କ ପୂଜାବିଧି ଅନ୍ଲାଇନ୍ ମାଧ୍ୟମରେ ପ୍ରସାରଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।





"୧୯୯୨ରୁ ରସୁଲଗଡ ପାଲାମଣ୍ଡପଠାରେ ଛୋଟ ଆକାରରେ ପୂଜା କରାଯାଉଥିଲା। ପରେ ଶ୍ରଦ୍ଧାଳୁଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ୨୦୦୭ରୁ ରସୁଲଗଡ ଟ୍ରକ ରହଣି ସ୍ଥଳରେ ଭବ୍ୟ ଆକାରରେ ପୂଜା କରାଯାଉଛି। ତେବେ ଗତବର୍ଷ ଭଳି ସମ୍ପୂର୍ଣ୍ଣ ନିରାଡମ୍ବରରେ ମା'ଙ୍କର ପୂଜା ବିଧି କରାଯିବ। କୌଣସି ସ୍ୱତନ୍ତ୍ରତା ରହିବ ନାହିଁ। ପରମ୍ପରା ଅନୁଯାୟୀ ମା'ଙ୍କ ପାଖରେ କୁଷ୍ମାଣ୍ଡ ଫଳ ବଳି ଦିଆଯିବ। ଷଷ୍ଠୀରେ ବିଲ୍ୱବରଣ ସହ ମା'ଙ୍କୁ ଆବାହନ କରାଯିବ। ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ କୁଆଖାଇସ୍ଥିତ ଅସ୍ଥାୟୀ ପୁଷ୍କରିଣୀରେ ମା'ଙ୍କ ମୂର୍ତ୍ତିକୁ ବିସର୍ଜନ କରାଯିବ।

**ପ୍ରଦୀପ କୁମାର ଜେନା, ସମ୍ପାଦକ, ରସୁଲଗଡ଼ ଦୁର୍ଗାପୂଜା କମିଟି**

## ଗୁଳି ଫୁଟାଇ ଗ୍ରାହକ ସେବାକେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ଲୁଟ୍

**ସାଲେପୁର,୪।୧୦(ଡି. ଏନ.ଏ)**

ସାଲେପୁର ଥାନା ପାଗା ଫାଣ୍ଡି ଅଧୀନ ପୁରୁଷୋତ୍ତମପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରେ ସୋମବାର ୨ ଜଣ ଦୁର୍ବୃତ୍ତ ଗୁଳି ଫୁଟାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରକୁ ପୂର୍ବାହ୍ନ ସମୟରେ ୨ ଜଣ ଦୁର୍ବୃତ୍ତ ଏକ ପଲ୍ସର ବାଇକ୍ରେ ଆସିଥିଲେ। ସେମାନେ ସେଠାରେ ଫାଙ୍କା ଗୁଳିଚାଳନା କରିଥିଲେ। ଫଳରେ କାର୍ଯ୍ୟରତ କର୍ମଚାରୀ ଭୟଭୀତ ହୋଇ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଉକ୍ତ କେନ୍ଦ୍ରରୁ ୧ ଲକ୍ଷ ୨୯ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଜବତ କରିବା ସହ କର୍ମଚାରୀଙ୍କୁ ପଚରାଉଚରା କରୁଛି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ରେଭେନ୍ସା ଛାତ୍ରୀଛାତ୍ର

### ଛାତ୍ରାବାସ ପ୍ରଦାନ କରିବାକୁ ଦାବି

**କଟକ ଅଫିସ,୪।୧୦**

ରେଭେନଶା ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଛାତ୍ର ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ହଷ୍ଟେଲ ଦାବି କରିବାସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତେବେ ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରେଭେନଶା କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଥାଉକି, ସେପ୍ଟେମ୍ବର ୧୬ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ କେବଳ ରେଗୁଲାର କୋର୍ସଗୁଡିକରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଭିତରେ ଛାତ୍ରାବାସ ଦିଆଯିବ। ସିଟ ଫାଙ୍କା ରହେ ତେବେ ସେଲଫ ଫାଇନାନ୍ସିଂ ଛାତ୍ରୀଛାତ୍ର ଆବେଦନ କରିପାରିବେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖି ନିଷ୍ପତ୍ତିକୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ବିରୋଧ କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପିନ୍ଟୁ



@ ସଞ୍ଜୀବ



@ ମଣ୍ଟି



@ ତୁଷାର



@ ଅରୂପାନନ୍ଦ



@ ରାଜା

# ଗ୍ରାମାଞ୍ଚଳରେ ମୌଳିକ ସେବା ମିଳିଲେ ଅଙ୍ଗାରକାମ୍ଳ କମିବ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଗ୍ରାମାଞ୍ଚଳରୁ ଲୋକେ ସହର ମୁହାଁ ହେଉଛନ୍ତି। ଦିନକୁ ଦିନ ସହରାଞ୍ଚଳ ସହ ଗାଡିମୋଟର ସଂଖ୍ୟା ବଢ଼ି ଚାଲିଛି। ଫଳରେ ସହରାଞ୍ଚଳରେ ୫୫ ପ୍ରତିଶତ ଲୋକ ବସବାସ କରୁଥିବାବେଳେ ସେମାନେ ୭୦ ପ୍ରତିଶତ ବିଦ୍ୟୁତ ବ୍ୟବହାର କରୁଛନ୍ତି। ସେହିଭଳି ପରିବହନ ଓ ଶିଳ୍ପାନୁଷ୍ଠାନଗୁଡିକରୁ ମଧ୍ୟ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ ନିର୍ଗତ ହେଉଛି। ଯଦି ପ୍ରବାସୀମାନଙ୍କୁ ପୁନଃ ଗ୍ରାମାଞ୍ଚଳକୁ ଫେରାଇ ଆଣିହୁଏ ଓ ସେଠାରେ ସହରର ମୌଳିକ ସେବା ଯୋଗାଇ ଦିଆଯାଏ, ତେବେ ଅଧିକାଂଶରେ ଆମେ ଅଙ୍ଗାରକାମ୍ଳ କମ୍ କରି ପାରିବା ବୋଲି ଇଣ୍ଡିଆ ଓ ଦକ୍ଷିଣ ଏସିଆ କ୍ଲାଇମେଟ୍ ରିଅଲିଟ୍ ପ୍ରୋଜେକ୍ଟ ୟୁଏସ୍ଏର ନିର୍ଦ୍ଦେଶକ ଆଦିତ୍ୟ ପୁଣ୍ଡୁରି କହିଛନ୍ତି। ସୋମବାର ଦି ହ୍ୟୁମାନିଟି, ସ୍ନେହ, ସିଏସ୍ଏନଆର୍, ସିସିଡବ୍ଲ୍ୟୁଡି ଓ ଥାର୍ଡ ଜେଣ୍ଡର ୱେଲ୍ଫେୟାର ଟ୍ରଷ୍ଟର ମିଳିତ ସହଯୋଗରେ ସିୱାଇଏସ୍ଡିଠାରେ ବିଶ୍ୱ ବସତି ଦିବସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିତ୍ୟ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ କିପରି କମ୍ କରି ପାରିବା ସେ ନେଇ ଏହି ମତ ଦେଇଥିଲେ। ବିଭିନ୍ନ ଭିତ୍ତିଭୂମି ବିକାଶ ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ବିପିୟୁଟିର ପୂର୍ବତନ ଡିନ୍ ଡ. ସନ୍ତୋଷ କୁମାର ମିଶ୍ର କହିଥିଲେ। ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ ବିଶ୍ୱ ଜଳବାୟୁ ପରିବର୍ତ୍ତନ ପାଇଁ ପାରମ୍ପରିକ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ଜେକେ ପେପର ସିଏସ୍ଆର ଓଡ଼ିଶା ମୁଖ୍ୟ ପ୍ରଫୁଲ୍ଲ ଧଳ ବିଭିନ୍ନ ଦୁର୍ବିପାକ ସମୟରେ ନଷ୍ଟ ହେଉଥିବା ବୃକ୍ଷ ସଂଖ୍ୟା ଆକଳନ କରି ଅଧିକ ରୋପଣର ଆବଶ୍ୟକତା ଥିବା କହିଥିଲେ। ଭୂଗୋଳବିତ୍ ପ୍ରଫେସର ଜୟନ୍ତ ରାଉତରାୟ ସହରାଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବା ଏବଂ ଗ୍ରୀନ୍ ଏନର୍ଜି ବ୍ୟବହାର ପାଇଁ ସରକାର ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଦି ହ୍ୟୁମାନିଟିର ସମ୍ପାଦକ ସଚ୍ଚିକାନ୍ତ ପ୍ରଧାନ, ଆକ୍ସନଏଡ୍ ସହକାରୀ ମୁଖ୍ୟ ଦେବବ୍ରତ ପାତ୍ର, ପରିବେଶବିତ୍ ସୁଦର୍ଶନ ଛୋଟରାୟ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।



ଭୁବନେଶ୍ୱର କେଦାରଗୌରୀ ମନ୍ଦିରରେ ମା' ଗୌରୀଙ୍କ ଷୋଡ଼ଶୀ ବେଶ।



**କଟକ:** ମା' ବାସନ୍ତୀ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।



ମା' ଗଡ଼ଚଣ୍ଡୀଙ୍କ କାଳୀ ବେଶ।



ଝାଞ୍ଜିରୀ ମଙ୍ଗଳାଙ୍କ ବୈଷ୍ଣବୀ ବେଶ।



ମା' କଟକ ଚଣ୍ଡୀଙ୍କ ମାତଙ୍ଗୀ ବେଶ।

## ନୃସିଂହନାଥ ଠାକୁର ଟ୍ରଷ୍ଟ ବୋର୍ଡ ଗଠନ

କଟକସଦର,(ଡି.ଏନ୍.ଏ.): କିଶନ ନଗର ତହସିଲ ଅନ୍ତର୍ଗତ ବୋଧପୁରସ୍ଥିତ ନୃସିଂହନାଥ ଠାକୁରଙ୍କ ମଧବର୍ତ୍ତୀ ଟ୍ରଷ୍ଟ ବୋର୍ଡର ସଭ୍ୟମାନଙ୍କ ନାମ ତାଲିକାକୁ ରାଜ୍ୟ ଦେବୋତ୍ତର ଆୟୁକ୍ତ ଚିତ୍ତରଞ୍ଜନ ମହାପାତ୍ର ମଞ୍ଜୁର ପ୍ରଦାନ କରିଛନ୍ତି। ଏ ନେଇ ନଂ. ୬୧୧୭/ ୮।୧୦।୨୧ରେ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ମନୋନୀତ ଟ୍ରଷ୍ଟିମାନେ ହେଲେ ସୁରେନ୍ଦ୍ରନାଥ ପଣ୍ଡା, ଅରବିନ୍ଦ ମହାନ୍ତି, ଗିରିଜାଶଙ୍କର ଦାଶ, କିଶୋର କୁମାର ପଣ୍ଡା, ନେତ୍ରାନନ୍ଦ ପଣ୍ଡା, ବିଦ୍ୟାଧର ପଣ୍ଡା, ପ୍ରଶାନ୍ତ କୁମାର ବେହେରା, ଶାରଦା ପ୍ରସାଦ ପଣ୍ଡା, ଗିରୀଶ ଚନ୍ଦ୍ର ରଥ। ଏମାନଙ୍କ ମଧ୍ୟରୁ ଜଣଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଭାବେ ମନୋନୀତ କରିବା ପାଇଁ ଆୟୁକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

**ସଂକ୍ଷେପରେ**

## ୧୩ ବର୍ଷ ପରେ ମୁକୁଳିବେ ଅଭିଯୁକ୍ତ ଚଗଲା

### ଜୁଡ଼ୋ କୋଚ୍ ବିରଞ୍ଚି ହତ୍ୟା ମାମଲା

କଟକ ଅଫିସ, ୪।୧୦: ଜୁଡ଼ୋ କୋଚ୍ ବିରଞ୍ଚି ଦାସ ହତ୍ୟା ମାମଲାର ଅଭିଯୁକ୍ତ ଅକ୍ଷୟ ବେହେରା ଓରଫ ଚଗଲାଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତେବେ ନିମ୍ନ ଅଦାଲତ ଜାମିନ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟଙ୍କ ପକ୍ଷରୁ ଆଇନଜୀବୀ ଏ.ପି. ବୋଷ ମାମଲା ପରିଚାଳନା କରୁଥିଲେ। ଦୀର୍ଘ ୧୩ ବର୍ଷ ପରେ ଅକ୍ଷୟ ଜେଲ୍‌ରୁ ବାହାରିବେ। ପ୍ରକାଶ ଯେ, ୨୦୦୮ ଏପ୍ରିଲ ୧୩ ପଣା ସଂକ୍ରାନ୍ତି ଦିନ ଜୁଡ଼ୋ କୋଚ ବିରଞ୍ଚିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଗ୍ୟାଙ୍ଗଷ୍ଟର ସନ୍ଦୀପ ଆଚାର୍ଯ୍ୟ ଓରଫ ରାଜା ଓ ତାଙ୍କ ସହଯୋଗୀ ଅକ୍ଷୟ ବେହେରା ଓରଫ ଚଗଲା ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏପ୍ରିଲ ୨୯ରେ ପୋଲିସ ଚଗଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିମ୍ନ ଅଦାଲତ ଏହି ମାମଲାରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଉଭୟ ଦୋଷୀ ସାବ୍ୟସ୍ତ ହୋଇ କ୍ରିମିନାଲ ଅପିଲରେ ହାଇକୋର୍ଟ ଆସିଛନ୍ତି। ପୂର୍ବରୁ ହାଇକୋର୍ଟ ରାଜାଙ୍କ ଜାମିନ ନାମଞ୍ଜୁର କରିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ୨୦୧୭ ମାର୍ଚ୍ଚ ୧୦ରେ ରାଜାଙ୍କୁ ଜାମିନ ଦେଇଥିଲେ। କ୍ରିମିନାଲ ଅପିଲର ଶୁଣାଣିରେ ବିଳମ୍ବ ଘଟୁଥିବା ଓ ଅଭିଯୁକ୍ତ ୧୩ ବର୍ଷ ସଜା କାଟି ସାରିଥିବାରୁ ଚଗଲାଙ୍କ ଜାମିନ ମଞ୍ଜୁର କରିବାକୁ ଆବେଦନକାରୀଙ୍କ ଓକିଲ ହାଇକୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସର୍ବୋଚ୍ଚ ନ୍ୟାୟାଳୟରୁ ଜାମିନ ପାଇଥିବାରୁ ସହଯୋଗୀ ଅକ୍ଷୟଙ୍କୁ ଜାମିନ ଦେବାକୁ ଓକିଲ ଯୁକ୍ତି ଦର୍ଶାଇଥିଲେ। ଏହି ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଥିଲେ।

## ସ୍କୁଲ ମିଶ୍ରଣକୁ ନେଇ ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୪।୧୦(ବ୍ୟୁରୋ): ଶିକ୍ଷା ବିଭାଗ ତରଫରୁ ଉପସ୍ଥାନ ଆଧାରରେ ସ୍କୁଲ ମିଶ୍ରଣ ପ୍ରକ୍ରିୟାକୁ ନେଇ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ (ସିଆଇଟିୟୁ) ପକ୍ଷରୁ ସୋମବାର ଭୁବନେଶ୍ୱରେ ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା କର୍ମୀମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗଣଶିକ୍ଷା ବ୍ୟବସ୍ଥାକୁ ସରକାରୀ ସୁଦୃଢ଼ିକରଣ କରିବାପାଇଁ ଯାହା ବିଧିବ୍ୟବସ୍ଥା କରିବା କଥା ତାହା ନ କରି ସ୍କୁଲ ମିଶ୍ରଣ କରିବା ଫଳରେ ଅଭିଭାବକମାନେ ଘରୋଇ ଶିକ୍ଷା ଆଡକୁ ପ୍ରୋତ୍ସାହିତ ହେଉଛନ୍ତି। ତେଣୁ ନିଷ୍ପତ୍ତିର ପୁନଃ ବିଚାର କରିବାକୁ ସଙ୍ଗଠନର ନେତୃବୃନ୍ଦ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏତଦ୍‌ବ୍ୟତୀତ ପାଚିକା ସହାୟିକାଙ୍କୁ ସରକାରୀ ମାନ୍ୟତା ସହିତ ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା, ୨୮ ମାସର ବକେୟା ଭତ୍ତା ପ୍ରଦାନ କରିବା, ଅବସର ସମୟସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି ଦେବା ଆଦି ପ୍ରମୁଖ ଦାବି କରାଯାଇଛି।

# ସ୍ପେଶାଲ ସ୍କ୍ୱାଡ୍ ହାତରେ କୁଖ୍ୟାତ ଚୋର

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ଚୋରି କରିବା ଥିଲା ନିଶା, ଆଉ ପେସା। ବାରମ୍ବାର ଚୋରି କରି ଗିରଫ ହେଉଥିଲେ, ଜେଲ ବି ଯାଉଥିଲେ। ହେଲେ ଜେଲରୁ ବାହାରିବା ପରେ ପୁଣି ସେହି ଧନ୍ଦା ଜାରି ରଖୁଥିଲେ। ଦୀର୍ଘ ୩୫ ବର୍ଷ ଧରି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚୋରି କରୁଥିବା କୁଖ୍ୟାତ ଚୋରଙ୍କୁ କମିଶନରେଟ ପୋଲିସ ସୋମବାର କାବୁ କରିଛି। କଟକରେ ଚୋରି ଉଦ୍ୟମବେଳେ ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ହାଟସାହିର ହେମନ୍ତ ଦାଶ(୫୯)। ପଚରାଉଚରାବେଳେ ତାଙ୍କଠାରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ପୋଲିସ। ଦେଶର ୫ଶହ ସ୍ଥାନରୁ ୫କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଜିନିଷପତ୍ର ଚୋରି କରିଥିବା ଜଣାପଡ଼ିଛି। ସେ ରାଜ୍ୟରୁ ରାଜ୍ୟ ବୁଲି ବୁଲି ଚୋରି କରୁଥିବାବେଳେ ମୁମ୍ବାଇ ଓ ଚେନ୍ନାଇ ପୋଲିସ ଦ୍ୱାରା ମଧ୍ୟ ପୂର୍ବରୁ ଗିରଫ ହୋଇଛନ୍ତି। ତାଙ୍କ ନାମରେ ଭୁବନେଶ୍ୱର ୟୁପିଡିର ବିଭିନ୍ନ ଥାନାଞ୍ଚଳରେ ୮୨ରୁ ଅଧିକ ମାମଲା ରହିଛି। ଅନ୍ୟପକ୍ଷରେ କଟକ, ପୁରୀ, ବ୍ରହ୍ମପୁର ଆଦି ସହରରେ ଏକାଧିକ ଚୋରି ମାମଲାରେ ସମ୍ପୃକ୍ତ ଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି। ମଙ୍ଗଳବାର ହେମନ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ପରେ ଅଧିକ ତଥ୍ୟ ହାସଲ ପାଇଁ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ହେମନ୍ତ ୧୯୮୬ ରେ ବିଜେବି କଲେଜରେ ପଢୁଥିବାବେଳେ ଏକ ଗଣ୍ଡଗୋଳ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେଠାରେ ସେ ଜଣେ ଚୋରି ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କଠାରୁ ପ୍ରୋତ୍ସାହନ ପାଇ ଚୋରି କରିବାକୁ ମନ ବଳାଇଥିଲେ। ସେ ଜେଲରୁ ବାହାରିବା ପରେ ଚୋରି କରିବା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କୁ ବୟସ ହୋଇଥିଲା ୨୪। ପ୍ରଥମେ ବିଳମ୍ବିତ ରାତିରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବନ୍ଦ ଥିବା ଘର କବାଟକୁ ଶାବଳରେ ତାଡ଼ି ଟଙ୍କା, ଅଳଙ୍କାର ଓ ବିଭିନ୍ନ ସାମଗ୍ରୀ ଚୋରି କରୁଥିଲେ। ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ସହରକୁ ଫ୍ଲାଇଟ ଯୋଗେ ଯାଇ ବଡ଼ ବଡ଼ ହୋଟେଲରେ ରହୁଥିଲେ। ହୋଟେଲର ପାଖ ରୁମ୍ ଓ ଆଖପାଖ ଅଞ୍ଚଳରୁ ମଧ୍ୟ ଚୋରି କରୁଥିଲେ। ୨୦୧୮ରେ ସେ କମିଶନରେଟ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ତେବେ କିଛିଦିନ ତଳେ ବଡଗଡ, କ୍ୟାପିଟାଲ ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ସେ ପୁଣି ଚୋରି କରିଥିଲେ। ପୋଲିସ ତାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ତାଙ୍କୁ ଗିରଫ କରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଯୋଜନା ପ୍ରସ୍ତୁତ କରି ପୂରା ନଜର ରଖିଥିଲା।

### ୩୫ ବର୍ଷରେ ୫ଶହ ସ୍ଥାନରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚୋରି



ହେମନ୍ତ ଦାଶ

- ଭୁବନେଶ୍ୱରରେ ରହିଛି ୮୨ ମାମଲା
- ୨୪ ବର୍ଷ ବୟସରୁ ଚୋରିକୁ କରିଥିଲେ ପେସା
- କଟକରୁ ଗିରଫ ହେଲେ ଅଭିଯୁକ୍ତ ହେମନ୍ତ

### ଚୋରି ନ କରିବାକୁ ନିବେଦନ କଲେ ଅଭିଯୁକ୍ତ

ଅଭିଯୁକ୍ତ ହେମନ୍ତ ଗଣମାଧ୍ୟମକୁ କହିଛନ୍ତି, ମୁଁ ୩୫ ବର୍ଷ ଧରି କୋଟି କୋଟି ଟଙ୍କା ଚୋରି କରି ରୋଜଗାର କରିଛି। ସାଙ୍ଗସାଥୀଙ୍କ ସହ ଦିଲ୍ଲୀ, ମୁମ୍ବାଇ ଆଦି ସ୍ଥାନରେ ବଡ ବଡ ହୋଟେଲରେ ରହିଛି। ହେଲେ ଏବେ ସେସବୁ ଟଙ୍କା ଆଉ ନାହିଁ। ତେଣୁ ମୋ ଭଳି ରାସ୍ତାରେ ନ ଯିବାକୁ ସେ ନିବେଦନ କରିଛନ୍ତି।

### 'କ୍ରୋ ବାର୍ ମ୍ୟାନ୍' ନାଁ ଦେଇଥିଲା ପୋଲିସ

ହେମନ୍ତ ଜେଲ୍‌ରେ ଥିବାବେଳେ ଜଣେ ଚୋରି ଅଭିଯୁକ୍ତଙ୍କଠାରୁ ଚୋରିର ବିଭିନ୍ନ କୌଶଳ ଶିଖିଥିଲେ। ଜେଲ୍‌ରୁ ବାହାରିବା ପରେ ଉଭୟ ମିଶି ଚୋରି କରୁଥିଲେ। ସେମାନେ ମୁଖ୍ୟତଃ ବନ୍ଦ ଥିବା ଘରକୁ ଟାର୍ଗେଟ କରୁଥିଲେ। ପରେ ଏକ କ୍ରୋ ବାର୍ ବା ଶାବଳ ନେଇ ଉକ୍ତ ଘର କବାଟକୁ ତାଡି ସର୍ବସ୍ୱ ଲୁଟି ନେଉଥିଲେ। ତେବେ ସମ୍ପୃକ୍ତ ସହଯୋଗୀଙ୍କର ମୃତ୍ୟୁ ପରେ ହେମନ୍ତ ଏକା ଚୋରି ଜାରି ରଖିଥିଲେ। ସେ ସବୁବେଳେ ଶାବଳ ସାହାଯ୍ୟରେ ଚୋରି କରୁଥିବାରୁ କମିଶନରେଟ ପୋଲିସ ତାଙ୍କ ନାମ 'କ୍ରୋ ବାର୍ ମ୍ୟାନ୍' ଦେଇଥିଲା।

### ଆକାଉଣ୍ଟରେ ଅଛି ମାତ୍ର ୧୪୦୦ ଟଙ୍କା

ହେମନ୍ତଙ୍କୁ ଧରିବା ପରେ କମିଶନରେଟ ପୋଲିସ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରିଥିଲା। ମାତ୍ର ସେଥିରେ ୧୪ଶହ ଟଙ୍କା ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲା। ତେବେ ପଚରାଉଚରାବେଳେ ଜଣାପଡିଥିଲା ଯେ, ସେ ଚୋରି ସାମଗ୍ରୀକୁ ବିକ୍ରି କରି ନଗଦ ଟଙ୍କା ଆଣୁଥିଲେ। ତାହାକୁ ଆକାଉଣ୍ଟରେ ଡିପୋଜିଟ୍ ନ କରି ପାଖରେ ରଖୁଥିଲେ। ସେହି ଟଙ୍କାରେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ତେଣୁ ତାଙ୍କ ବ୍ୟାଙ୍କ ଆକାଣ୍ଟରେ ଅଧିକ ପରିମାଣର ଟଙ୍କା ଥିବା ବୋଲି ପୋଲିସ ଅନୁମାନ କରୁଥିଲା।

## ଜଟଣୀ ବିଧାୟକଙ୍କୁ ପ୍ରତିଶ୍ରୁତି ଦେଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଗତ ସପ୍ତାହରେ ଦିଲ୍ଲୀ ଗସ୍ତ କରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଥିଲେ। ଭୁବନେଶ୍ୱର ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରିବା, ପ୍ରଭୁ ଲିଙ୍ଗରାଜଙ୍କ ନାମରେ ୨ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବା, ଖୋର୍ଦ୍ଧାରେ ରେଳ କର୍ମଚାରୀଙ୍କ ନିମନ୍ତେ ସରକାରୀ ଆବାସ ଓ ଜଟଣୀ ଫ୍ଲାଇଓଭର ନିର୍ମାଣ ଆଦି ଦାବି ଜଣାଇଥିଲେ। ସୋମବାର ରେଳମନ୍ତ୍ରୀ ତାଙ୍କ ଦାବି ସମ୍ପର୍କରେ ଉତ୍ତର ରଖିଥିବା ବିଧାୟକ ରାଉତରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରେଳମନ୍ତ୍ରୀ ପ୍ରାୟ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦିଗରେ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି। ଭୁବନେଶ୍ୱର ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରିବା ପ୍ରସଙ୍ଗରେ ରେଳମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏହା ଉଭୟ ସରକାରୀ ଓ ବେସରକାରୀ ଭାଗୀଦାରିତାରେ ନିର୍ମାଣ ହେବ। ଏଥିପାଇଁ ରବିବାର ରେଳୱେ ବୋର୍ଡ ଅଧ୍ୟକ୍ଷ ସୁନିତ ଶର୍ମା ଭୁବନେଶ୍ୱର ରେଳ ଷ୍ଟେଶନ ପରିଦର୍ଶନ କରି ଫେରିଛନ୍ତି। ୮ଦିନ ତଳର ଆଲୋଚନାରେ ହୋଇଥିବା ସମସ୍ତ ଦାବି ପ୍ରତି ସକାରାତ୍ମକ ଉତ୍ତର ରଖିଥିବାରୁ ସେ ରେଳମନ୍ତ୍ରୀ ଅଶ୍ୱିନୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ନେଇ ନିଖିଳ ଗୋ-ମିତ୍ର ମହାସଂଘ ଓଡ଼ିଶା ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

## ଚିଙ୍ଗୁଡ଼ି ଯାଆଁଳ ପ୍ରସ୍ତୁତିଶାଳା ବୁଝାମଣାପତ୍ର ସ୍ୱାକ୍ଷରିତ

ପିପିଲି,୪।୧୦(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ପକ୍ଷରୁ ସୁନିର୍ବାଚିତ ପ୍ରଜନନ, ଆନୁବଂଶିକ ଉନ୍ନୟନ ଏବଂ କମ୍ ସମୟରେ ଅଧିକ ବୃଦ୍ଧି ହୋଇପାରୁଥିବା ମଧୁର ଜଳ ଗୋଲଦା ବଡ଼ ଚିଙ୍ଗୁଡ଼ି ମାଇକ୍ରୋବାଚିୟମ୍ ରୋଜନବର୍ଗୀକୁ ଭୌଗୋଳିକ ମାନ୍ୟତା ପ୍ରାପ୍ତ ଚିଙ୍ଗୁଡ଼ି ଭାବେ ପଞ୍ଜୀକୃତ କରାଯାଇଛି। ସୋମବାର ସିଫା ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆନ୍ଧ୍ର ପ୍ରଦେଶର ୩ଟି ବ୍ୟବସାୟିକ ହ୍ୟାଚେରି ସହ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବା ସହ ପୋଖତା ଚିଙ୍ଗୁଡ଼ିର ବିକାଶ ପାଇଁ ଉନ୍ନତମାନର ଜାଆଁଳକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ସମୟରେ ଏହି ହ୍ୟାଚେରିଗୁଡ଼ିକ ମାଧ୍ୟମରେ ଚିଙ୍ଗୁଡ଼ି ଚାଷ କରୁଥିବା କୃଷକଙ୍କୁ ହସ୍ତାନ୍ତର କରାଯିବ। ପ୍ରକାଶଥାଉ କି, ଭାରତ ୨୦୦୫ ମସିହା ପର୍ଯ୍ୟନ୍ତ ଏହି ଚିଙ୍ଗୁଡ଼ିର ଏକ ପ୍ରମୁଖ ଉତ୍ପାଦକ ଥିଲା। ମାତ୍ର ପରେ ପାରମ୍ପରିକ ଜାଆଁଳ ଯୋଗୁ ଏହି ଚିଙ୍ଗୁଡ଼ିର ଉତ୍ପାଦନ ହାର କମିବା ଯୋଗୁ ଆମଦାନୀ ମଧ୍ୟ କମିଥିଲା। ଫଳରେ ସିଫା ଓ ବିଶ୍ୱ ମତ୍ସ୍ୟ ସଂସ୍ଥା (ୱର୍ଲ୍ଡ ଫିଶ୍) ସହଯୋଗରେ ୨୦୦୭ରେ ଉପଯୁକ୍ତ ଚୟନ ପଦ୍ଧତିରେ ଉନ୍ନତ ରୋଜନବର୍ଗୀ ଜାଆଁଳ ଉତ୍ପାଦନ ଆରମ୍ଭ ହୋଇଥିଲା। ଗୁଜରାଟ, କେରଳ ଓ ଓଡ଼ିଶାରୁ ଉନ୍ନତମାନର ଚିଙ୍ଗୁଡ଼ି ଆଣି ଏଠାରେ ଆନୁବଂଶିକ ପ୍ରଜନନ ମାଧ୍ୟମରେ ନୂତନ ପ୍ରଜାତିକୁ ଉଦ୍‌ଭାବିତ କରାଯାଇଛି।

ଭାରତ ସରକାରଙ୍କର ମତ୍ସ୍ୟ ମନ୍ତ୍ରଣାଳୟ, ପଶୁ ଓ ଗୋପାଳନ ବିଭାଗ, ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ 'ସ୍କେଲିଙ୍ଗ ଅପ୍ ଅଫ୍ ଜେନେଟିକ୍ ଇମ୍ପ୍ରୁଭମେଣ୍ଟ ପ୍ରୋଗାମ ଅଫ୍ ଏମ୍. ରୋଜନବର୍ଗୀ' ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଆଇସିଏଆର-ସିଫା ୩ଟି ସ୍କାମ୍ପି ହ୍ୟାଚେରି ମନୋନୀତ କରିଛି। ସେମାନେ ଏହି ଉନ୍ନତ ମାଛ ଜାଆଁଳକୁ ବିକଶିତ କରି ବହୁଗୁଣିତ କରିବେ। ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଯୁଗ୍ମ ସଚିବ ସାଗର ମେହେରା ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଯୋଗଦେଇ ସିଫାର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମତ୍ସ୍ୟ ସମ୍ପଦ ଯୋଜନାର ଚିଙ୍ଗୁଡ଼ି ପ୍ରକଳ୍ପର ପ୍ରମୁଖ ଗବେଷକ ତଥା ଏପିଇଡି ବିଭାଗର ମୁଖ୍ୟ ଡ. ବିନ୍ଦୁ ଆର. ପିଲାଇ ଏବଂ ତାଙ୍କର ଟିମ୍ ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଡ. ଦେବବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।




ଏମ୍‌ଓୟୁ ଅବସରରେ ସିଫା ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁ ଓ ଅନ୍ୟମାନେ।

## ଚେନ୍ନାଇରେ ପଡ଼ିରହିଛି ଶ୍ରମିକଙ୍କ ମୃତଦେହ

ଖୋର୍ଦ୍ଧା ଅଫିସ,୪।୧୦

- ଗାଁକୁ ଆଣିବା ପାଇଁ ଜିଲାପାଳଙ୍କୁ ନିବେଦନ କଲେ ପରିବାର
- ଠିକାଦାରଙ୍କୁ ଶ୍ରମ ଅଧିକାରୀଙ୍କ କାରଣ ଦର୍ଶାଅ ନୋଟିସ

ଖୋର୍ଦ୍ଧା ଜିଲାରେ ଅଣ ପଞ୍ଜୀକୃତ ଠିକାଦାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନେ ବାହାର ରାଜ୍ୟ କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ନିଜକୁ ପଞ୍ଜୀକୃତ ଠିକାଦାର ବୋଲି ପରିଚୟ ଦେଇ ଗରିବ ଲୋକଙ୍କୁ ଅଧିକ ଟଙ୍କା ରୋଜଗାର ଆଶା ଦେଖାଇ ବାହାର ରାଜ୍ୟକୁ ନେଉଛନ୍ତି। ସେଠାରେ ସେମାନେକମ୍ପାନୀରେ ନିମ୍ନ ମଜୁରି ସହ ନିର୍ଯାତନାର ଶିକାର ହେଉଛନ୍ତି। ଏହିକ୍ରମରେ ବାଣପୁର ଥାନା ଅଧୀନ ନରଣପୁର ଗ୍ରାମର ଜୟ ନାୟକ ନାମକ ଜଣେ ଶ୍ରମିକ ଅଧିକ ପରିଶ୍ରମ ଯୋଗୁ ଅସୁସ୍ଥ ହୋଇ ପ୍ରାଣ ହରାଇଛନ୍ତି। ସେଠାରେ ତାଙ୍କ ମୃତଦେହ ପଡ଼ିରହିଥିବା ବେଳେ ସମ୍ପୃକ୍ତ ଠିକାଦାର ଚୁପ ବସିଛନ୍ତି। ମୃତଦେହ ଆଣିବା ପାଇଁ ପରିବାରଲୋକ ଠିକାଦାରଙ୍କୁ କହିଥିଲେ ମଧ୍ୟ ସେ ଶୁଣୁନାହାନ୍ତି। ଗ୍ରାମକୁ ମୃତଦେହ ଆଣିବା ପାଇଁ ପରିବାରଲୋକ ସୋମବାର ଜିଲାପାଳଙ୍କୁ ନିବେଦନ କରିବା ସହ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ନରଣପୁର ଗ୍ରାମକ ବାଲୁଗାଁର ଦୁଇଜଣ ଠିକାଦାର ଆସିଥିଲେ। ଚେନ୍ନାଇର ଏକ କମ୍ପାନୀରେ ମାସିକ ୧୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ଆଶା ଦେଖାଇ ଜୟ ନାୟକ ଏବଂ ଅନ୍ୟ କେତେଜଣ ଶ୍ରମିକଙ୍କୁ ଗତ ଅଗଷ୍ଟରେ ଚେନ୍ନାଇକୁ ନେଇଥିଲେ। ସେଠାରେ ଅଧିକ ପରିଶ୍ରମ ଯୋଗୁ ଜୟ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଲାଗି ସମ୍ପୃକ୍ତ ଠିକାଦାର ପରିବାର ଲୋକଙ୍କୁ ୩୦ହଜାର ଟଙ୍କା ପଠାଇବା ପାଇଁ ଫୋନ କରିଥିଲେ। ତେବେ ଏତେ ଟଙ୍କା ଦେବା ପାଇଁ ଅସମର୍ଥ ପ୍ରକାଶ କରିଥିଲେ। ଜୟଙ୍କ ସହିତ କଥା ହେବା ପାଇଁ ପରିବାର ଲୋକେ ଚାହିଁଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର କଥା କରାଇ ଦେଇ ନ ଥିଲେ। ସେପ୍ଟେମ୍ବର ୨୫ରେ ସମ୍ପୃକ୍ତ ଠିକାଦାର ଜୟଙ୍କ ଦେହ ଗୁରୁତର ଥିବା କହିବା ସହ ଶୀଘ୍ର ଟଙ୍କା ପଠାଇବାକୁ କହିଥିଲେ। କିଛି ସମୟ ପରେ ଜୟଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଫୋନରେ ଜଣାଇଥିଲେ। ମୃତଦେହ ଗାଁକୁ ଆଣିବା ପାଇଁ ଅନୁରୋଧ ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ଶୁଣୁନାହାନ୍ତି, ସେଠାରେ ମୃତଦେହ ସତ୍କାର କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ସ୍ୱାମୀଙ୍କ ମୃତଦେହ ଆଣିବା ପାଇଁ ବ୍ୟବସ୍ଥା ସହ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦଣ୍ଡ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ତ୍ରୀ ତୁଳସୀ ନାୟକ ଦାବି କରିଛନ୍ତି। ଅନ୍ୟପଟେ ଏନେଇ ବାଲୁଗାଁ ଶ୍ରମ ଅଧିକାରୀ ସମ୍ପୃକ୍ତ ଠିକାଦାରଙ୍କୁ ୭ଦିନ ମଧ୍ୟରେ ଏହାର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ନୋଟିସ ଜାରି କରିଛନ୍ତି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ବାଲିପାଟଣା,୪।୧୦(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ରାଜସ ଗ୍ରାମରେ ଶ୍ୱଶୁର ଘରେ ଜ୍ୱାଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ରଞ୍ଜୁ ସ୍ୱାଇଁ। ସୋମବାର ସକାଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୧) ରୁଜୁକରି ତଦନ୍ତ ଚଳାଇଛି। ରଞ୍ଜୁ ଜଣେ ଗାଡ଼ି ଚାଳକ ହୋଇଥିବାବେଳେ ସେହି ଗ୍ରାମରେ ପ୍ରେମ ବିବାହ କରି ଶ୍ୱଶୁର ଘରେ ରହୁଥିଲେ। କୌଣସି କାରଣରୁ ରବିବାର ରାତିରେ ପରିବାର ଲୋକେ ଶୋଇବା ପରେ ଫ୍ୟାନରେ ଆତ୍ମହତ୍ୟା କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଡକାୟତି ଯୋଜନା, ୪ ଗିରଫ

ଭୁବନେଶ୍ୱର,୪।୧୦(ବ୍ୟୁରୋ)



ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗର ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ୪ଜଣ ଲୁଟେରା ପୋଲିସ ହାତରେ ଧରା ପଡିଛନ୍ତି। ସେମାନେ ହେଲେ ଏହି ଥାନା ରାମପୁର ବସ୍ତିର କଳାକାହ୍ନୁ ଦିଗଲ(୩୫), କ୍ୟାପିଟାଲ ଥାନା କେଦାରପଲ୍ଲୀ ବସ୍ତିର ଆକାଶ ନାୟକ(୨୩), ୟୁନିଟ୍-୬ ଅଞ୍ଚଳର ସୁର ଘଡେଇ(୧୯) ଓ ଲକ୍ଷ୍ମୀସାଗର ଥାନା କାଦମ ପୋଖରୀ ବସ୍ତିର ଏମ୍‌ଡି ବାବୁ(୨୮)। ତାଙ୍କଠୁ ଗୋଟିଏ ସ୍କୁଟି ଓ ଗୋଟିଏ ଚାପଡ ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ଆଇପିସି ଦଫା ୩୯୯, ୪୦୨ରେ ଏକ ମାମଲା( ନଂ. ୩୨୭/୨୧) ରୁଜୁ ହୋଇଛି। ପୋଲିସ ସେମାନଙ୍କୁ ଗିରଫ ପରେ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଚଢ଼ାଉବେଳେ ଅନ୍ୟ ୨ଜଣ ଖସି ପଳାଇଥିବାରୁ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି ପୋଲିସ।

ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୨ଟା ୩୦ରେ ୬ଜଣ ବ୍ୟକ୍ତି ସତ୍ୟନଗର ଓଭରବ୍ରିଜରେ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ଏନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ପୋଲିସ ଟିମ୍ ସେଠାରେ ଚଢାଉ କରିବା ସମୟରେ ୨ ଜଣ ଲୁଟେରା ଦୌଡି ପଳାଇଥିବାବେଳେ ୪ ଜଣଙ୍କୁ ପୋଲିସ ଘେରିଯାଇ କାବୁ କରିଥିଲା। ତେବେ ପଚରାଉଚରାବେଳେ ଧରାପଡିଥିବା ଅଭିଯୁକ୍ତମାନେ ସତ୍ୟନଗରରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରେ ଡକାୟତି କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସକୁ କହିଛନ୍ତି।

### ଖସି ପଳାଇଲେ ୨ ଅଭିଯୁକ୍ତ

## କୋଭିଡ୍ ଟିକାକରଣ କେନ୍ଦ୍ରରେ ଉତ୍ତେଜନା

ଖୁଣ୍ଟୁଣୀ,୪।୧୦(ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ଗୁରୁଡ଼ିଝାଟିଆ ଚିକିତ୍ସାଳୟରେ କୋଭିଡ୍ ଟିକାକରଣ କେନ୍ଦ୍ରରେ ୧୮ରୁ ୪୪ବର୍ଷ ବୟସ ବ୍ୟକ୍ତିଙ୍କ ପ୍ରଥମ ଡୋଜ ଟିକାକରଣ ପାଇଁ ସୋମବାର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କମ୍ ଟିକାକୁ ଅଧିକ ଲୋକ ରହିଥିବାରୁ ସେଠାରେ ଠେଲାପେଲା ହେବା ସହ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ଗୁରୁଡ଼ିଝାଟିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସୂଚନା ମୁତାବକ, ସୋମବାର ଗୁରୁଡ଼ିଝାଟିଆ ଡାକ୍ତରଖାନାରେ ଲୋକଙ୍କୁ ପ୍ରଥମ ଡୋଜ କୋଭିଡ ଟିକା ପ୍ରଦାନର କର୍ଯ୍ୟକ୍ରମ ଥିବାରୁ ଟିକା ପାଇଁ ଗୁରୁଡ଼ିଝାଟିଆ, ଗୋବରା, ଛଅଗାଁ, କୁମାରପୁର, କୁଶପଙ୍ଗି, ଓରନ୍ଦା ପ୍ରଭୃତି ୫ଟି ପଞ୍ଚାୟତରୁ ୬ ଶହରୁ ଉର୍ଦ୍ଧ୍ୱ ଲୋକ ଡାକ୍ତରଖାନାକୁ ସକାଳୁ ଭିଡ଼ ଜମାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରଖାନାକୁ ମାତ୍ର ୧୨୦ଡୋଜ ଟିକା ଆସିଥିଲା। କମ୍ ସଂଖ୍ୟକ ଟିକା ଆସିଥିବାର ଲୋକେ ଜାଣିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଠେଲାପେଲା ମଧ୍ୟରେ ଟିକା ନେବା ପାଇଁ ଆସିଥିବା ୪ଜଣ ମହିଳା ତଳେ ପଡ଼ିଯାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଗୁରୁଡ଼ିଝାଟିଆ ଥାନା ଆଇଆଇସିଙ୍କୁ ଜଣାଇଥିଲେ। ପୋଲିସ ଟିମ୍ ମେଡିକାଲରେ ପହଞ୍ଚି ଲୋକଙ୍କୁ ବୁଝାଇ ଭିଡ଼ ହଟାଇବା ପରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୂଚନା ଥାଉକି, ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯେତିକି ଟିକା ଆସୁଛି ସେହି ଟିକାକୁ ବ୍ରହ୍ମପୁର ସିଏଚ୍‌ସି ସହ ଖୁଣ୍ଟୁଣୀ, ଗୁରୁଡ଼ିଝାଟିଆ, ଜେନାପଦା, ଜାଗିଆପଡା ଜୋରନ୍ଦା ଆଦି ୫ଟି ପିଏଚ୍‌ସିକୁ ବଣ୍ଟନ କରାଯାଉଛି। ଏଣୁ ସବୁ ଟିକା ଗ୍ରହଣ କେନ୍ଦ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।



ଟିକା ପାଇଁ ଲୋକଙ୍କ ଭିଡ଼।

### ୧୨୦ ଟିକା ପାଇଁ ୬ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼

**କାଳିନ୍ଦୀ ବେହେରାଙ୍କ ଜୟନ୍ତୀ ପାଳିତ**

ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର.): ପୂର୍ବତନ ମନ୍ତ୍ରୀ ସାହିତ୍ୟିକ ଅଧ୍ୟାପକ କାଳିନ୍ଦୀ ବେହେରାଙ୍କ ୮୨ ତମ ଜୟନ୍ତୀ ଉତ୍ସବ ନେମାଳରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଶାରଦା ପ୍ରସନ୍ନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅନ୍ୟତମ ଅତିଥିଭାବେ ବିଜେଡିର ବରିଷ୍ଠ ନେତା ମଧୁ ସାହୁ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଯୁବନେତା ରଞ୍ଜନ ବିଶ୍ୱାଳ ଓ ରବୀନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇ ଅଧ୍ୟାପକ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ସିଏମ୍‌ସି କମିଶନରଙ୍କ ୫୨ନଂ ୱାର୍ଡ ପରିଦର୍ଶନ

**କଟକ ଅଫିସ,୪।୧୦:** କଟକ ମହାନଗର ନିଗମ(ସିଏମ୍‌ସି) ୫୨ନଂ ୱାର୍ଡର ରାଜେନ୍ଦ୍ର ନଗର ଓ କଲ୍ୟାଣୀ ନଗରକୁ ସୋମବାର ସିଏମ୍‌ସି କମିଶନର ଅନନ୍ୟା ଦାସ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଡ୍ରେନେଜ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଉକ୍ତ ଅଞ୍ଚଳରେ ଚାଲିଥିବା ଜାଇକା କାର୍ଯ୍ୟକୁ ଦଶହରା ପୂର୍ବରୁ ସାରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ସେହିପରି କଲ୍ୟାଣୀନଗର ନିକଟରେ ରାସ୍ତାରେ କଲର୍ଭଟ କରିବା ପାଇଁ ଟେଣ୍ଡର ସରିଛି। ପୂଜା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କମିଶନର କହିଥିଲେ। ପୋଷ୍ଟାଲ କଲୋନୀରେ ଭାଙ୍ଗିଥିବା ସ୍ଲାବରେ ନୂତନ ସ୍ଲାବ ପକାଯିବ। ଏଥିସହ ପରିମଳ ବ୍ୟବସ୍ଥା ସୁଧାର ଆଣିବାସହ ଖାଲି ସ୍ଥାନରେ ପଡିଥିବା ଆବର୍ଜନାକୁ ସଫା କରିବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମିଶନରଙ୍କ ସମେତ ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସରଳା ଦେବୀଙ୍କ ଶ୍ରାଦ୍ଧୋତ୍ସବରେ ତିଳତର୍ପଣ

**କଟକ ଅଫିସ,୪।୧୦:** ସ୍ୱାଧୀନତା ସଂଗ୍ରାମୀ, ଅଗ୍ନିକନ୍ୟା ଓ ଲୌହମାନବୀ ସରଳା ଦେବୀଙ୍କ ୩୫ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଛି। ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ତୀଳତର୍ପଣ କରାଯାଇଥିଲା। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ, ଓଡ଼ିଶା ଗାନ୍ଧିବାଦୀ ଫୋରମ୍ ଏବଂ ଓଡ଼ିଶା ସଚେତନ ନାଗରିକ ସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମରେ କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ପ୍ରଶାନ୍ତ ଦାସ, ଧର୍ମେଶ ନାୟକ, ଆଇନଜୀବୀ ଶଶୀଭୂଷଣ ଦାସ, ନିରଞ୍ଜନ ପଣ୍ଡା, କବିତା ମହାପାତ୍ର, ବିଭୁପ୍ରସନ୍ନ ମହାପାତ୍ର, ଦେବୀ ପ୍ରସନ୍ନ ମହାପାତ୍ର, ଅନିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନରଞ୍ଜନ ମହାପାତ୍ର ଓ ସରଳା ଦେବୀଙ୍କ ନାତି ଲକ୍ଷ୍ମୀପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ।

### ଶିଶୁଅନନ୍ତ ୟୁଥ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା

**ବାଲିପାଟଣା,୪।୧୦(ଡି.ଏନ୍.ଏ.):** ଶିଶୁଅନନ୍ତ ୟୁଥ କ୍ଲବ ପକ୍ଷରୁ ସୋମବାର ଶିଶୁ ଅନନ୍ତ ପୀଠ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିପାଟଣା ଥାନା ଆଇଆଇସି କୃପାସିନ୍ଧୁ ବରାଡ଼ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ତର୍ଜାତୀୟ କୋଭିଡ-୧୯ ପ୍ରାମାଣିକ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଶ୍ରେଷ୍ଠ ଚଳଚ୍ଚିତ୍ର ମାନ୍ୟତା ପାଇଥିବା 'ଶିଶୁଅନନ୍ତ ଗାଥା'ର ନିର୍ଦ୍ଦେଶକ ଓ ପ୍ରଯୋଜକ ଶେଖ ଗୁଲଜାର ହୋସେନ, କାହାଣୀ ଲେଖିକା ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ଖବରଦାତା ରମେଶ ରଥ, ରାଜକିଶୋର ବେହେରା,ପ୍ରଭଞ୍ଜନ ସାହୁ, ସୁନିଲ ବେହେରା ଯୋଗଦେଇଥିଲେ। ଆକ୍ଷୟ ସାହୁ ସଭା ପରିଚାଳନା କରିଥିଲେ।

### ବିଶ୍ୱ ପ୍ରାଣୀ ଦିବସରେ ସାପ ଉପରେ ସଚେତନତା

**ବାଙ୍କୀ,୪।୧୦(ସ୍ୱ.ପ୍ର.)-** ବାଙ୍କୀ ଦୁର୍ଗାପୁର ପଞ୍ଚାୟତ ଶବର ସାହିରେ ବିଶ୍ୱ ପ୍ରାଣୀ ଦିବସ ଅବସରରେ ସାପ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ନେକ ହେଲପ୍ ଲାଇନର ରାଜ୍ୟ ମୁଖ୍ୟ ଶୁଭେନ୍ଦୁ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ସ୍ନେକ ହେଲପ୍ ଲାଇନ୍‌ର ସିଲିକା ସେଲୋନୀ ବିଭିନ୍ନ ପ୍ରକାର ସାପ ବିଷୟରେ ଲୋକଙ୍କୁ ବୁଝେଇଥିଲେ। ସ୍ନେକ ହେଲ୍‌ପ୍ ଲାଇନର ରାଜ୍ୟ ସଂଯୋଜକ ଲଳିତ ମୋହନ ପଣ୍ଡା, ସଦସ୍ୟ ଅମିତ ସାହୁ ଓ ଦୁର୍ଗା ମାଧବ ପ୍ରମୁଖ ଉପସ୍ଥିତ ରହିଥିଲେ।

### ସଚେତନା ଶିବିର

**ଆଠଗଡ଼, ୪।୧୦(ସ୍ୱ.ପ୍ର.):** ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠରେ କୁଇଜ୍ ପ୍ରତିଯୋଗିତା ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ ମିଶ୍ର ଉଦ୍‌ଘାଟନ କରି ଛାତ୍ରମାନଙ୍କୁ କିଶୋର ଅବସ୍ଥାରେ ସ୍ୱାସ୍ଥ୍ୟ, ରୋଗ ଓ ଏହାର ଉପଚାର ସମ୍ବନ୍ଧରେ କହିଥିଲେ। ଡାକ୍ତରଖାନା ପରିଚାଳିକା ପୂଜାଲିନ୍ ରାଉତଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ସାହୁ, ରୋଗୀ କଲ୍ୟାଣ ସମିତିର ସଭ୍ୟ ସନାତନ ରାଏ, ମହେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରତି ୱାର୍ଡ ଅଫିସ୍‌ରେ ରହିବ ସ୍ୱଚ୍ଛ କାନ୍ଥ

**ଭୁବନେଶ୍ୱର, ୪।୧୦ (ବ୍ୟୁରୋ)**

- କ୍ୟୁ ଆର୍ କୋଡ୍‌ରେ ମିଳିବ ସେସ୍‌ପୁଲ୍ ସୁବିଧା
- ସମ୍ବର୍ଦ୍ଧିତ ହେଲେ ୨୪ ପରିମଳ କର୍ମଚାରୀ

ରାଜଧାନୀ ଭୁବନେଶ୍ୱର ପାଳୁଛି ଆଜାଦି କା ଅମୃତ ମହୋତ୍ସବ। ଏହି ଅବସରରେ ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ସଫାଇ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରା ଯାଇଛି। ସହରରେ କିପରି ସେସ୍‌ପୁଲ ସେବା ଆହୁରି ତ୍ୱରିତ ଓ ସୁଗମ ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ବିଏମ୍‌ସି କମିଶନର ସଞ୍ଜୟ ସିଂ ଚନ୍ଦନ ନାୟକ ଓ ବନ୍ଦନ ନାୟକଙ୍କୁ ନୂଆ ସେସ୍‌ପୁଲ୍ ଗାଡ଼ି ପ୍ରଦାନ କରିଛନ୍ତି। ସେମାନଙ୍କୁ କାନାଡା ବ୍ୟାଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏଥିରେ ୬.୨୫ ଲକ୍ଷର ରିହାତି ମିଳିବ। ଏବେ ମଧ୍ୟ ଆଉ ୨୨ଜଣଙ୍କ ବ୍ୟାଙ୍କ ଋଣ ଆପ୍ରୁଭାଲ ସରିଛି। ଭୁବନେଶ୍ୱରରେ ସେସ୍‌ପୁଲ ସେବା ବଢ଼ିଲେ, ସହର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟତା ଆହୁରି ବୃଦ୍ଧିପାଇବ ବୋଲି କମିଶନର କହିଛନ୍ତି। ଏହି ଅବସରରେ ବିଏମ୍‌ସି ପକ୍ଷରୁ ସ୍ୱଚ୍ଛ କାନ୍ଥ ଓ କ୍ୟୁ ଆର୍ କୋଡ୍ ବ୍ୟବସ୍ଥା ଲାଗୁ କରାଯାଇଛି। ପ୍ରତ୍ୟେକ ୱାର୍ଡ ଅଫିସ ବାହାରେ ସ୍ୱଚ୍ଛ କାନ୍ଥର ପୋଷ୍ଟର ମରାଯିବ। ଏଥିରେ ପରିମଳ ସମ୍ପର୍କୀତ ସମସ୍ତ ତଥ୍ୟ ରହିବ। ସେହିପରି ସହରର ଗଳିକନ୍ଦିରେ କ୍ୟୁ ଆର୍ କୋଡ୍‌କୁ ଲଗାଯିବ। ଏହାଦ୍ୱାରା ସେସ୍‌ପୁଲ୍ ସେବା ଆବଶ୍ୟକ କରୁଥିବା ନାଗରିକ ନିଜ ସ୍ମାର୍ଟ ଫୋନ୍‌ରେ ଏହାକୁ ସ୍କାନ୍ କଲେ ସିଧାସଳଖ ସେସ୍‌ପୁଲ୍ ସେବା ଉପଲବ୍ଧ ହୋଇପାରିବ। ସେସ୍‌ପୁଲ୍ ସେବା ମିଳିବା ପରେ ପୈଠ ପ୍ରକ୍ରିୟା ମଧ୍ୟ ଅନ୍‌ଲାଇନ୍‌ରେ ହେବ। ଏନେଇ ସମ୍ପୃକ୍ତ ସଫାଇ ମିତ୍ରଙ୍କୁ ପିଓଏସ୍ ମେଶିନ ପ୍ରଦାନ କରାଯାଇଛି। ଏହାକୁ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଏନ୍‌ଜିଓ ମାଧ୍ୟମରେ ପ୍ରଥମେ ୨୨ ୱାର୍ଡରେ ସ୍ୱଚ୍ଛ କାନ୍ଥର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬ଜଣ ସଫେଇ କର୍ମଚାରୀ, ୬ଜଣ ସାନିଟାରୀ ଇନ୍ସପେକ୍ଟର, ଗୋଟିଏ ଏନ୍‌ଜିଓ, ଜଣେ ପରିମଳ ଏଜେନ୍ସି କର୍ମଚାରୀ, ୬ଜଣ ସ୍ୱଚ୍ଛ ସୁପରଭାଇଜର, ୬ ସଫେଇ ବିଶେଷଜ୍ଞ ଓ ୩ ଜୋନାଲ୍ ଡେପୁଟି କମିଶନରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ମୁଖ୍ୟଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର, ସହରଯନ୍ତ୍ରୀ ଅରୁଣ କୁମାର ନାୟକଙ୍କ ସମେତ ବିଏମ୍‌ସିର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପେଟାନାଳ ସୌନ୍ଦର୍ଯ୍ୟକରଣକୁ ବିଧାୟକଙ୍କ ଗୁରୁତ୍ୱ



ବିଧାୟକ ମହମ୍ମଦ ମୋକିମ୍ ଡ୍ରେନେଜ ବିଭାଗ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କଟକ ଅଫିସ, ୪।୧୦**

ଶିଖରପୁର ଗଣ୍ଡରପୁରସ୍ଥିତ ଡ୍ରେନେଜ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଯୋଗଦେଇ ଡ୍ରେନେଜ ବିଭାଗ ଉଚ୍ଚ ଅଧିକାରୀମାନଙ୍କ ସହିତ ସିଡିଏ ପେଟାନାଳର ସୁରକ୍ଷା ଓ ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପେଟାନାଳ ସୌନ୍ଦର୍ଯ୍ୟକରଣ ପାଇଁ ଆଲୋକୀକରଣ, ନୌଚାଳନା ଏବଂ ପେଟାନାଳ ଉଭୟ ପାର୍ଶ୍ୱର ସୁରକ୍ଷା ସହ ମନୋରଞ୍ଜନ ବ୍ୟବସ୍ଥା କରିବାକୁ ବିଧାୟକ ମୋକିମ୍ କହିଥିଲେ। ଏହି ବୈଠକରେ ଡ୍ରେନେଜ ବିଭାଗ ମୁଖ୍ୟଯନ୍ତ୍ରୀ ବାଲେଶ୍ୱରନାଥ ସାହୁ ପେଟାନାଳର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨ ଦିନ ଭସାଣି ପାଇଁ ଅନୁମତି ଦିଆଯାଉ




କଟକ ଚାନ୍ଦିନୀଚୌକସ୍ଥିତ ଏକ ସମ୍ମିଳନୀ କକ୍ଷରେ ଲାଲବାଗ୍ ଥାନା ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ଓ ଅଧିକାରୀ।

**କଟକ ଅଫିସ, ୪।୧୦**

ଚଳିତ ବର୍ଷ ଦୁଇଦିନ ଭସାଣି କରାଯାଉ। ଏଥିସହ ଦୁର୍ଗାପୂଜା ମଣ୍ଡପରେ ୪ଟି ଲେଖାଏ ଘଣ୍ଟ ବଜାଇବାକୁ ଅନୁମତି ଦିଆଯାଉ। ସୋମବାର କଟକର ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ଡିସିପି ପ୍ରତୀକ ସିଂଙ୍କୁ ଏହି ଦାବି ଜଣାଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଗାଇଡ୍‌ଲାଇନ ମାନି ଦୁର୍ଗାପୂଜା ପାଳନ କରିବାକୁ ଡିସିପି ଅନୁରୋଧ କରିଥିଲେ। ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ମା'ଙ୍କ ଅଷ୍ଟମୀ ଭୋଗକୁ ସଭିଙ୍କ ଘରକୁ ନେଇ ଦେବାକୁ ପୂଜା କମିଟିକୁ ଡିସିପି ପରାମର୍ଶ ଦେଇଥିଲେ। ଦୁଇଦିନ ଭସାଣି ଓ ଘଣ୍ଟ ବଜାଇବା ଦାବି ଉପରେ ତର୍ଜମା କରି ପରେ ଜଣାଇ ଦିଆଯିବ ବୋଲି ଡିସିପି କହିଥିଲେ।

ଲାଲ୍‌ବାଗ ଥାନା ପକ୍ଷରୁ ସ୍ଥାନୀୟ ରୟାଲ ଗାର୍ଡେନରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଆୟୋଜନ ହୋଇଥିଲା। ଏଥିରେ ୨୮ଟି ପୂଜା କମିଟିର ୫୦ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ବିଡାନାସୀ, ମର୍କତନଗର ଓ ଫେଜ୍-୨ ଥାନା ପକ୍ଷରୁ ୱିଣ୍ଡସର ପ୍ୟାଲେସଠାରେ ବୈଠକ ଡକାଯାଇଥିଲା। ଏଥିରେ ୧୮ଟି ଦୁର୍ଗାପୂଜା କମିଟିର ୪୦ଜଣ କର୍ମକର୍ତ୍ତା ଯୋଗଦେଇ ନିଜ ମତ ରଖିଥିଲେ। ଏସିପି ତାପସ ପ୍ରଧାନ ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

### ନୂଆପାଟଣା ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

**ଟିଗିରିଆ, ୪।୧୦ (ଡି.ଏନ.ଏ.)**

ଟିଗିରିଆ ବ୍ଲକ ନୂଆପାଟଣାରେ ଦୁର୍ଗାପୂଜା ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ସୋମବାର ନୂଆପାଟଣା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କରୋନା ଗାଇଡଲାଇନ ମଧ୍ୟରେ କିଭଳି ଭାବେ ଦୁର୍ଗାପୂଜା କରାଯିବ ସେନେଇ ଆଲୋଚନା ହେବା ସହ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଟିଗିରିଆ ତହସିଲଦାର ପ୍ରମୋଦ ବାସ୍କେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମଙ୍ଗଳାବଜାର, ଦୁର୍ଗାବଜାର, ଚଣ୍ଡୀବଜାର ଓ କଳାପାଟବଜାରର ସଭାପତି, ସମ୍ପାଦକ ସହ ନୂଆପାଟଣା, ଜେମାଦେଇପୁର, ଭୋଗଡ଼ା ୩ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି, ସମିତିସଭ୍ୟ ପାଖ ପଡ଼ୋଶୀ ୯ ମୌଜାର ମୁରବୀମାନେ ଉପସ୍ଥିତ ରହିଥିଲେ। ବୈଠକରେ ୪ ବଜାରର ସଭାପତି ପ୍ରକାଶ କୁମାର ଦାସ କରୋନା କଟକଣାକୁ କଡ଼ାକଡ଼ି ପାଳନ ପୂର୍ବକ ସମ୍ପୂର୍ଣ୍ଣ ପାର୍ବଣକୁ ସମ୍ପାଦନ କରାଯିବାକୁ ନିଷ୍ପତ୍ତି ହୋଇଥିବା କହିଛନ୍ତି। ନୂଆପାଟଣାରେ ଚଳିତ ବର୍ଷ ପୂଜା ମଣ୍ଡପରେ ଷଷ୍ଠୀରୁ ପୂଜା ଆରମ୍ଭ ହୋଇ ୫ଦିନ ଧରି ଚାଲିବାକୁ ଥିବା ବେଳେ ଭସାଣ ଉତ୍ସବକୁ ନିରାଡ଼ମ୍ବର ଭାବେ ସମାପନ କରାଯିବ। ଏଥିରେ ଉପସ୍ଥିତ ଟିଗିରିଆ ଥାନା ଅଧିକାରୀ ବନବିହାରୀ ପ୍ରଧାନ ଯୋଗଦେଇ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ।

### ଟ୍ରେଜେରି ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର, ୪।୧୦**

ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘର କାର୍ଯକାରିଣୀ ବୈଠକ ସଭାପତି ସମର ରଞ୍ଜନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ଶୁଭେନ୍ଦୁ ରାଉତରାୟ ପଦବୀ ପୂରଣ, ବୀମା ବୃଦ୍ଧି, ପଦୋନ୍ନତି, ମାର୍ଚ୍ଚର ସମ୍ପୂର୍ଣ୍ଣ ଅନରାରିୟମ ପ୍ରଦାନ ଏବଂ ଜିଲା କମିଟି ଗଠନ ଇତ୍ୟାଦି ପ୍ରସଙ୍ଗରେ ମତପ୍ରଦାନ କରିଥିଲେ। ସଙ୍ଗଠନର କାର୍ଯ୍ୟ ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ସମସ୍ତ ଜିଲା କମିଟିଗୁଡ଼ିକୁ ନିବେଦନ କରାଯିବା ସହ ଡିସେମ୍ବରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ବୈଠକ ପାଇଁ ପ୍ରସ୍ତାବ ଆଗତ କରିଥିଲେ।

### ଚାଳକଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

**ଟାଙ୍ଗୀ(କଟକ), ୪।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ହାଟପଡ଼ିଆରେ ସୋମବାର ଓଡ଼ିଶା ପରିବହନ ଚାଳକ ସଂଘ ବ୍ଲକ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜ୍ଞାନ ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ସରପଞ୍ଚ ସୁବୋଧ ସାମଲ, ସମ୍ମାନିତ ଅତିଥି ସଂଘର ରାଜ୍ୟ ସହ ସମ୍ପାଦକ ଈଶ୍ୱରଚନ୍ଦ୍ର ପରିଡ଼ା, ଯାଜପୁର ଜିଲା ସଭାପତି ଶୁଭ୍ରଜିତ ମଲ୍ଲିକ ଓ ସମ୍ପାଦକ ଆକବର ଅଲ୍ଲୀ ଯୋଗଦେଇଥିଲେ। ଚାଳକମାନଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିବାକୁ ସଂଘ ଦାବି କରିଛି। ବ୍ଲକ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।

### ସୁନା ଦୋକାନରେ ଜିଏସ୍‌ଟି ଚଢ଼ାଉ

**ନିଆଳି,୪।୧୦(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ ନିଆଳି ବଜାରରେ ଥିବା ଏକ ସୁନା ଦୋକାନ ଉପରେ ସୋମବାର ଅଚାନକ ଜିଏସ୍‌ଟି ଚଢ଼ାଉ ହୋଇଛି। ସିଟି ଜିଏସ୍‌ଟି ଏନଫୋର୍ସମେଣ୍ଟ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଦୋକାନରେ ଥିବା ବିଭିନ୍ନ ସୁନା, ରୁପା ଅଳଙ୍କାରର କାଗଜପତ୍ର ଜିଏସ୍‌ଟି ଟିମ୍ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ଦୋକାନ ସହିତ ଦୋକାନ ମାଲିକଙ୍କ ବାସଭବନରେ ମଧ୍ୟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ରେଗୁଲାର ଆକ୍ଟିଭିଟିଜ୍‌ରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଷ୍ଟକ ଭେରିଫିକେଶନ କରାଯାଇଛି। ଡକୁମେଣ୍ଟ ଭେରିଫିକେଶନରେ ଜିଏସ୍‌ଟିରେ ତ୍ରୁଟି ବାହାରିଲେ ସରକାରୀ ନିୟମ ଅନୁସାରେ ଜିଏସ୍‌ଟି ଆଦାୟ କରାଯିବ ବୋଲି ସିଟି ଜିଏସ୍‌ଟି ଏନଫୋର୍ସମେଣ୍ଟ ଅଧିକାରୀ ବିରଞ୍ଚି ମହାନନ୍ଦିଆ କହିଛନ୍ତି। ଉକ୍ତ ଚଢ଼ାଉ ସମୟରେ ବିଭାଗୀୟ ଅଧିକାରୀଙ୍କ ସହିତ ସ୍ଥାନୀୟ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## କର୍ମତତ୍ପର ଥିଲେ ଅରିନ୍ଦମ



**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ମୁଣ୍ଡଳି ବ୍ୟାରେଜରେ ଫସି ରହିଥିବା ହାତୀକୁ ଉଦ୍ଧାରବେଳେ ଓଡ୍ରାଫ ବୋଟ୍ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ଖବରଦାତା ଅରିନ୍ଦମ ଦାଶ। ସୋମବାର ତାଙ୍କ ଏକାଦଶାହ ଅବସରରେ ଓଟ୍‌କମ୍ ପକ୍ଷରୁ ଶୋକସଭାର ଆୟୋଜନ କରାଯାଇଥିଲା। ଏଥିରେ ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଅରିନ୍ଦମଙ୍କ ସ୍ମୃତି ଚାରଣ କରି କହିଲେ, ଖବର ଥିଲା ତାଙ୍କ ପାଇଁ ଅମ୍ଳଜାନ। ଦିନ ହେଉକି ରାତି ସବୁବେଳେ ସେ କର୍ମତତ୍ପର ରହି ଖବର ପଛରେ ଧାଉଁଥିଲେ। ପ୍ରତ୍ୟେକ ଦିଗକୁ ଅନୁଶୀଳନ କରି ଖବର ପରିବେଷଣରେ ସେ ମାହିର ଥିଲେ। ଜଣେ ଦରଦୀ ମଣିଷ ଭାବେ ସେ ସର୍ବଦା ଅନ୍ୟକୁ ସହାୟତାର ହାତ ବଢ଼ାଉଥିଲେ। ତାଙ୍କ ଭଳି ଜଣେ ଯୋଗଜନ୍ମା ସାମ୍ବାଦିକ କାଳକାଳକୁ ଅମର ରହିବେ।

# ପ୍ରତି ୱାର୍ଡ ପାଇଁ ୧୦ ଲକ୍ଷ ବଜେଟ

**କଟକ ଅଫିସ, ୪।୧୦**

**ୱାର୍ଡ ସମସ୍ୟା ସମାଧାନ ପାଇଁ ବୈଠକ**

ଦଶହରା ପୂଜା ପୂର୍ବରୁ ସମସ୍ତ ୱାର୍ଡର ରାସ୍ତା, ଲାଇଟ୍, ନାଳ ଆଦି ଜରୁରୀ ସମସ୍ୟା ସମାଧାନ ପାଇଁ ପ୍ରତି ୱାର୍ଡ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସୋମବାର ସିଏମ୍‌ସି କାର୍ଯ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ସେକ୍ଟର ଅଫିସରମାନଙ୍କୁ ନେଇ ହୋଇଥିବା ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ୱାର୍ଡରୁ ରିପୋର୍ଟ ଆସିବା ପରେ ବୁଧବାର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଚଳିତବର୍ଷ ଦୁର୍ଗାପୂଜା କଟକଣା ମଧ୍ୟରେ ନିରାଡ଼ମ୍ବର ଭାବେ ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି ହୋଇଛି। ତେବେ ନିରାଡ଼ମ୍ବର ପୂଜା ସତ୍ତ୍ୱେ ପୂଜା ପୂର୍ବରୁ ସହରର ରାସ୍ତାଘାଟ ପରିମଳ ବ୍ୟବସ୍ଥା ଆଦିରେ ସୁଧାର ଆଣିବା ପାଇଁ ଲୋକମାନେ ଦାବି କରିଥିଲେ। ଏ ନେଇ କିଛିଦିନ ପୂର୍ବରୁ ଶହୀଦ ଭବନରେ ସିଏମ୍‌ସି ପକ୍ଷରୁ ପୂଜା କମିଟି ସଦସ୍ୟମାନଙ୍କୁ ନେଇ ବୈଠକ ହୋଇଥିଲା। ଏହାପରେ ସିଏମ୍‌ସି ଅଧିକାରୀଙ୍କୁ ନେଇ ସୋମବାର ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂଜା ପୂର୍ବରୁ ସହରରେ ଥିବା ବିଭିନ୍ନ ସମସ୍ୟା ସମାଧନ କରିବା ଉପରେ ଆଲୋଚନା ହୋଇଥିଲା। ତେବେ ୱାର୍ଡଗୁଡିକରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ୱାର୍ଡ ଅଫିସର ପୂଜାକମିଟି ସହ ଆଲୋଚନା କରି ମଙ୍ଗଳବାର ମଧ୍ୟରେ ଜଣାଇବାକୁ ସେକ୍ଟର ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ମେଟ୍ରୋ ଗ୍ରୁପ ନିର୍ଦ୍ଦେଶିକା ସମ୍ମାନିତ



**ଭୁବନେଶ୍ୱର,୪।୧୦**

ସଫଳ ଯୁବ ବ୍ୟବସାୟୀ ତଥା ସାମାଜିକ କର୍ମୀ ଏବଂ ମେଟ୍ରୋ ଗ୍ରୁପ୍‌ର ନିର୍ଦ୍ଦେଶିକା ଶୋଫିଆ ଫିର୍‌ଦୋସଙ୍କୁ ଶନିବାର ମାସିକ ଇଂଲିଶ ପତ୍ରିକା 'ଦି ଇଟରଭ୍ୟୁ ଟାଇମ୍ସ' ପକ୍ଷରୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନରେ ସମ୍ମାନିତ କରାଯାଇଛି। ପତ୍ରିକାର ୧୦ମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯାଇଥିଲା। ନାଲ୍‌କୋର ପୂର୍ବତନ ସିଏମ୍‌ଡି ତପନ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୋଫିଆଙ୍କୁ ସମ୍ମାନଜନକ 'ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ' ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

# ଗଣମାଧ୍ୟମ ବିନା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅସମ୍ଭବ

**କଟକ ଅଫିସ,୪।୧୦**

- ୨ ବିଧାୟକଙ୍କୁ ଓଡ଼ିଶା ଯୁବ ପ୍ରତିଭା ସମ୍ମାନ
- ଅଭିନେତା ସବ୍ୟସାଚୀଙ୍କୁ ଓଡ଼ିଶା ବିପଦ ବନ୍ଧୁ ସମ୍ମାନ

ଗଣମାଧ୍ୟମର ବିନା ସହଯୋଗରେ କୌଣସି ମହାମାରୀ ତଥା ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା କରିବା ଅସମ୍ଭବ। କରୋନା ମୁକାବିଲା କ୍ଷେତ୍ରରେ ଗଣମାଧ୍ୟମର କର୍ତ୍ତବ୍ୟନିଷ୍ଠା ଏହା ପ୍ରମାଣ କରିଛି ବୋଲି ଓଡ଼ିଶା ଯୁବ ସାମ୍ବାଦିକ ସଂଘର ତ୍ରୟୋଦଶ ବାର୍ଷିକ ଉତ୍ସବ ତଥା ଓଡ଼ିଶା ଗୌରବ ସମ୍ମାନ ସମାରୋହରେ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସ୍ଥାନୀୟ ଟାଉନ ହଲରେ ଅନୁଷ୍ଠିତ ଏହି ଉତ୍ସବକୁ ରାଜ୍ୟସଭା ସଦସ୍ୟ ସୁବାସ ସିଂହ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସାମ୍ବାଦିକ ତଥା ସ୍ତମ୍ଭକାର ଡ. ସତ୍ୟ ରାୟ ମୁଖ୍ୟ ଅତିଥି, ପ୍ରଫେସର ଜୟନ୍ତ ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ନ୍ୟୁରୋସର୍ଜନ ଡ. ସାମି ସାଲିମ୍, ଆଇନଜୀବୀ ମନୋଜ ମିଶ୍ର, ଭିଜିଲାନ୍ସ ପି.ପି. ରାକେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ସାରସ୍ୱତ ସାଧକ ତଥା ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ଶରତ କୁମାର ଦାଶ ଉତ୍ସବରେ ସଭାପତିତ୍ୱ କରିଥିଲେ।

ଏହି ଅବସରରେ ସଂଘ ପକ୍ଷରୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଓଡ଼ିଶା ଯୁବ ପ୍ରତିଭା ସମ୍ମାନ, ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ଓଡ଼ିଶା ବିପଦ ବନ୍ଧୁ ସମ୍ମାନ, ବିଶିଷ୍ଟ ଆଇନଜୀବୀ ଦୟାନନ୍ଦ ମହାପାତ୍ରଙ୍କୁ ଓଡ଼ିଶା ଆଇନ ଗୌରବ ସମ୍ମାନ, ଡ. ମନୋରଞ୍ଜନ ବେହେରା, ଡ. ଉମେଶ ରାୟ, ଡ. ସତ୍ୟବ୍ରତ ମହାପାତ୍ର, ବିଜୟ ଲକ୍ଷ୍ମୀ ମହାପାତ୍ରଙ୍କୁ ଓଡ଼ିଶା ଚିକିତ୍ସା ସେବା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଶିଳ୍ପୋଦ୍ୟୋଗୀ ରାଜେନ୍ଦ୍ର ପ୍ରସାଦ ଶର୍ମା, ଜ୍ଞାନୀ କାନୁନଗୋଙ୍କୁ ଓଡ଼ିଶା ଶିଳ୍ପ ଗୌରବ ସମ୍ମାନ, ଡ. ସତ୍ୟ ଦାସ, ଡ. ଅମ୍ବିକା ପ୍ରସାଦ ମହାନ୍ତିଙ୍କୁ ଓଡ଼ିଶା ଶିକ୍ଷା ଗୌରବ ସମ୍ମାନ, ଜ୍ୟୋତିର୍ବିଦ୍ ବିଷ୍ଣୁପ୍ରସାଦ ଗୁରୁଙ୍କୁ ଜ୍ୟୋତିଷ ବାଚସ୍ପତି ସମ୍ମାନ ଓ ଯୁବ ଖବରଦାତା କୌତୁକ ମିତ୍ରଙ୍କୁ ସାମ୍ବାଦିକ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ଖବରଦାତା ଅରିନ୍ଦମ୍ ଦାସ ଓ ଓଡ୍ରାଫ୍ ଯବାନ୍ ସୀତାରାମ ମୁର୍ମୁଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଥିଲା। ସଂଘ ପକ୍ଷରୁ କରାଯାଇଥିବା ଜିଲାସ୍ତରୀୟ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କଳା ନିକେତନର କଳାକାରମାନେ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଫଟୋରେ ଖବର




ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିଠାରେ ଆନ୍ଦୋଳନରତ କୃଷକଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରିବା ବିରୋଧରେ ସୋମବାର ସିପିଆଇ(ଏମ୍) କୃଷକ ସଭା ପକ୍ଷରୁ କଟକ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।




ଜଗତପୁର ଶିଳ୍ପାଞ୍ଚଳ ଅନ୍ତର୍ଗତ ଭୂମିହୀନଙ୍କୁ ଥଇଥାନ ଓ ଜମିପଟ୍ଟା ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ରେଲ୍‌ୱେ ସାମଗ୍ରୀ ଚୋରି: ଯୁବକ ଗିରଫ

ପୁରୀ ଅଫିସ: ରେଲ୍‌ୱେ ବିଭାଗର ମୂଲ୍ୟବାନ ସାମଗ୍ରୀ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ରେଲ୍‌ୱେ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ତଳମାଳିସାହିର ଅଶୋକ କୁମାର ପଲେଇ (୨୪)। ଏ ନେଇ ରେଲ୍‌ୱେ ପୋଲିସ ଏକ କେସ୍ (ନଂ ୬/୨୧) ରୁଜୁ କରିଛି। ରେଲ୍‌ୱେ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ପ୍ରାୟ ୬୦୦୦ ଟଙ୍କାର ସାମଗ୍ରୀ ଜବତ କରିଛି। ଆର୍‌ପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂ କହିଛନ୍ତି, ରେଲ୍‌ୱେ କୋଚିଂ କମ୍ପ୍ଲେକ୍ସ ଅଞ୍ଚଳରେ କେତେଜଣ ଦୁର୍ବୃତ୍ତ ରେଲ୍‌ୱେ ସାମଗ୍ରୀ ଚୋରି କରୁଥିବା ଖବର ପାଇ ଏସ୍‌ଆଇ ମୋହନ, ଏଏସ୍‌ଆଇ ବି.କେ.ବାଲ, କେ.ସି. ସୁବୁଦ୍ଧି, ଦିପ୍ତିରଞ୍ଜନ ମୁଦୁଲି ଏବଂ ମନୋଜ ପ୍ରମୁଖ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଶୋକଙ୍କୁ ଗିରଫ କରିଥିଲେ।

# ଜିଲାରେ ବଢୁଛନ୍ତି ନକଲି ଶିକ୍ଷକ

- ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗୋପ ଓ କଣାସରେ ସର୍ବାଧିକ ଅଭିଯୋଗ
- ନୀରବଦ୍ରଷ୍ଟା ସାଜିଛି ଜିଲା ଶିକ୍ଷା ବିଭାଗ

**ପୁରୀ ଅଫିସ,୪।୧୦:** ଜାଲ୍ ବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସବୁବେଳେ ବୁଝାଇଥାଆନ୍ତି ଶିକ୍ଷକ। ମାତ୍ର ଶିକ୍ଷକ ଯଦି ଜାଲ୍ କାଗଜପତ୍ର ବଳରେ ଶିକ୍ଷକତା କରନ୍ତି ତେବେ ଶିକ୍ଷାର ସ୍ତର ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବା ଏକପ୍ରକାର ନିଶ୍ଚିତ। ପୁରୀ ଜିଲାରେ ଜାଲ୍ ପ୍ରମାଣପତ୍ର ହାତେଇ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀ ଚାକିରିର ମୋହରେ ପଡ଼ି ଜାଲ୍ ଜାତିଗତ ପ୍ରମାଣପତ୍ର ଓ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଦାଖଲ କରୁଥିବା ଜଣାପଡ଼ିଛି। ଏଭଳି ଜାଲ୍ ଅଭିଯୋଗରେ କଣାସ ବ୍ଲକ୍ ଅନ୍ତର୍ଗତ ବାରଦା ବାଦଲପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବଡ଼ଜେନା ଓ ହରିପୁର ପ୍ରାଥମିକ ବିଦ୍ୟାଳୟର ରବୀନ୍ଦ୍ର ପଲେଇଙ୍କୁ ଗତ ୨୭ ତାରିଖରେ ନିଲମ୍ବନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ଯେ, ସଂପୃକ୍ତ ଶିକ୍ଷକ ଦ୍ୱୟ ଜାଲ୍ ଜାତି ପ୍ରମାଣପତ୍ର ଓ ଶିକ୍ଷାଗତ ପ୍ରମାଣ ପତ୍ର ଦେଇ ଚାକିରି କରିଥିଲେ। ରମେଶ ୧୯୯୮-୯୯ ଶିକ୍ଷାବର୍ଷରେ ବିଏଡ୍ କରିଥିବା ଓ ଜାତିଗତ ପ୍ରମାଣପତ୍ର ଅନୁସୂଚିତ ଜାତି ବୋଲି ଦର୍ଶାଇଥିଲେ। ମାତ୍ର ବାସ୍ତବରେ ସେ ଅନୁସୂଚିତ ଜାତି ବର୍ଗର ନୁହଁନ୍ତି। ସେହିଭଳି ରବୀନ୍ଦ୍ର ମଧ ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ସୂଚନା ମିଳିଛି। ତେବେ ଆଶ୍ଚର୍ଯ୍ୟର କଥା ସଂପୃକ୍ତ ଶିକ୍ଷକମାନଙ୍କୁ ଏପର୍ଯ୍ୟନ୍ତ ବହିଷ୍କୃତ କରାଯାଇନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ରୁଜୁ ହୋଇନାହିଁ।

ନିୟମ ମୁତାବକ ସରକାରୀ ଚାକିରିରେ ଭୁଲ୍ ତଥ୍ୟ ଦେଇଥିବା ଯୋଗୁ ଧରାପଡ଼ିଲେ ମାମଲା ରୁଜୁ ହେବାର ନିୟମ ରହିଛି। ସେହିଭଳି ସରକାରୀ ସ୍ତରରେ ହେରଫେର କଲେ ମଧ ମାମଲା ରୁଜୁ ହେବା କଥା। ମାତ୍ର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବହିଷ୍କାର ବଦଳରେ ନିଲମ୍ବନ କାହିଁକି ଓ ଅପରାଧିକ ମାମଲା କରିବାରେ ପଛଘୁଞ୍ଚା କାହିଁକି ବୋଲି ପଚରାଯିବାରୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ପ୍ରଶ୍ନ ଏଡ଼ାଇ ଦେବା ସହ ଏସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ସେହିଭଳି ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ପର୍କ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ, ବାରଦା ବାଦଲପୁର ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବଡ଼ଜେନା ପୂର୍ବରୁ ମଧ ଜାଲ କାଗଜପତ୍ର ମାମଲାରେ ନିଲମ୍ବନ ହୋଇଥିଲେ। ମାତ୍ର ପରେ ତାଙ୍କୁ ପୁଣି ଚାକିରିକୁ ଫେରାଇ ଅଣାଯାଇଥିଲା। ଅନ୍ୟପକ୍ଷରେ ଶିକ୍ଷକତା ଭଳି ମହାନ ବୃତ୍ତିକୁ ନେଇ ଜିଲା ଶିକ୍ଷା ବିଭାଗର ଖାମଖିଆଲି ମନୋଭାବକୁ ଅଭିଭାବକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅଭିଭାବକ ଅନୀଲ କୁମାର ନାୟକ କହିଛନ୍ତି, ଜିଲା ଶିକ୍ଷା ଅଧିକାରୀ ଠିକ ଭାବେ ଯାଞ୍ଚ କରିଥିଲେ ଏଭଳି ନକଲ ପ୍ରମାଣପତ୍ରକୁ ମଞ୍ଜୁର ମିଳିବା ସମ୍ଭବ ହୋଇ ନ ଥାନ୍ତା। ସେହିଭଳି ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ପୁରୀ ଜିଲାର ବ୍ରହ୍ମଗିରି, ଗୋପ, କୃଷ୍ଣପ୍ରସାଦ ଓ କଣାସର ଅନେକ ବ୍ୟକ୍ତି ନକଲି ପ୍ରମାଣପତ୍ର ଦେଇ ଚାକିରି କରିଛନ୍ତି। କିଛି ଦିନ ତଳେ ବ୍ରହ୍ମଗିରିର ଜଣେ କର୍ମଚାରୀଙ୍କୁ ଜିଲା ଶିକ୍ଷା ଅଧିକାରୀ ନକଲି ସାର୍ଟିଫିକେଟ୍ ଦଖଲ ଅଭିଯୋଗରେ ନିଲମ୍ବନ କରିଛନ୍ତି। ଏଭଳି ଭାବେ ଶିକ୍ଷକତା ବୃତ୍ତିକୁ ଲୋକେ କଳୁଷିତ କରୁଛନ୍ତି। ଜିଲାର ସମସ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବାର ଆବଶ୍ୟକତା ଥିବା ବେଳେ ଏପ୍ରତି କେହି ଧ୍ୟାନ ଦେଉନାହାନ୍ତି। ବିଶେଷ ଭାବେ ସିଟି ଏବଂ ବିଏଡ୍ ଭଳି ଶିକ୍ଷାଗତ ପ୍ରମାଣପତ୍ର ଓ ଜାତିଗତ ପ୍ରମାଣପତ୍ର ନକଲି ଦେଖାଇ ଲୋକେ ଚାକିରି କରୁଛନ୍ତି। ଏ କ୍ଷେତ୍ରରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।


ପୁରୀ ବାଙ୍କୀ ମୁହାଣ ରାମଚଣ୍ଡୀଙ୍କ ଷୋଡ଼ଶୀ ବେଶ ।

## ସଂକ୍ଷେପରେ

### ବିପଦରେ ଗୃହପାଳିତ ପ୍ରାଣୀ ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

ଗୋପ,୪।୧୦(ଡି.ଏନ୍.ଏ.): ଗୋପ ବ୍ଲକ ଅଞ୍ଚଳରେ ଗୋ ଚାଲାଣ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିସହ କେତେଜଣ ବ୍ୟବସାୟୀ ମେଣ୍ଢା, ଛେଳି, ଗୋରୁଙ୍କୁ ଦୟନୀୟ ଅବସ୍ଥାରେ ନେଉଥିବା ଦେଖିବାକୁ ମିଳିଛି। ପ୍ରଶାସନିକ ଅଧିକାରୀମାନେ ଦେଖୁଥିଲେ ମଧ ନୀରବଦ୍ରଷ୍ଟା ସାଜିଛନ୍ତି। ଗୋପ, ନିମାପଡ଼ା, ନୟାହାଟ, କୋଣାର୍କ ଅଞ୍ଚଳରୁ ଚାଲାଣ ହେଉଥିବା ବେଳେ ଏହି ପ୍ରାଣୀଙ୍କୁ ସୁରକ୍ଷା ଯୋଗାଇଦେବାକୁ କୋଣାର୍କ ଅଞ୍ଚଳର ଭାଗୀରଥି ସ୍ୱାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ହିନ୍ଦୁ ଧର୍ମରେ ଗୋପୂଜନ ଏକ ପରମ୍ପରା ରହିଥିବା ବେଳେ ଗୋରୁଙ୍କୁ ପୂଜା କରାଯାଏ। ତେବ ଦିନ ଦ୍ୱିପ୍ରହରରେ ଯେପରି ଭାବେ ଗୋର, ପଶୁପକ୍ଷୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇ ନିଆଯାଉଛି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଗୋପ ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି।

### ଦିବ୍ୟାଙ୍ଗଙ୍କୁ ବସ୍ ରିହାତି ପାସ୍ ବଣ୍ଟନ

ପୁରୀ ଅଫିସ,୪।୧୦- ପୁରୀ ଜିଲାପାଳ ସମର୍ଥ ବର୍ମା ସୋମବାର ଦିବ୍ୟାଙ୍ଗମାନଙ୍କୁ ବସ୍ ରିହାତି ପାସ୍ ବଣ୍ଟନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ଜଣ ଦିବ୍ୟାଙ୍ଗଙ୍କୁ ଏହି ପାସ ବଣ୍ଟନ କରାଯାଇଥିଲା। ଶତକଡା ୬୦ ଭାଗରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ରିହାତି ସହ ତାଙ୍କ ସହ ସହାୟକ ଭାବେ ଯାତ୍ରା କରୁଥିବା ବ୍ୟକ୍ତିଙ୍କୁ ଟିକେଟର ୫୦ ଭାଗ ଭଡ଼ା ଦେବାକୁ ପଡ଼ିବ। ସେହିଭଳି ୫୦ ଭାଗ ଦିବ୍ୟାଙ୍ଗ ଥିବା ବ୍ୟକ୍ତିଙ୍କୁ ଟିକେଟର ୫୦ଭାଗ ଭଡା ଦେବାକୁ ପଡ଼ିବ। ବସ୍‌ରେ ଦିବ୍ୟାଙ୍ଗ ନିମନ୍ତେ ସିଟ୍ ସଂରକ୍ଷଣ ସହ ଯାତ୍ରା ସମୟରେ କଣ୍ଡକ୍ଟରମାନେ ସହଯୋଗ କରିବାକୁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରିବାକୁ ଜିଲାପାଳ ବର୍ମା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପାସ୍ ବଣ୍ଟନ ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ସାହୁ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅସହାୟ ବ୍ୟକ୍ତି ଆଇନ ସେବା ପାଇବାକୁ ହକଦାର

ସାକ୍ଷୀଗୋପାଳ,୪।୧୦(ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକ ମୁଳଅଳସା ପଞ୍ଚାୟତ ଅଧୀନ ପରହାଟ ଗ୍ରାମରେ ଗ୍ରାମୀଣ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନଜୀବୀ ଶୁଭ୍ରାନ୍ତ କୁମାର ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ପାରାଲିଗାଲ ସ୍ୱେଚ୍ଛାସେବୀ ସମ୍ପିତ ମହାପାତ୍ର ଯୋଗଦେଇ ଥିଲେ। ଗ୍ରାମାଞ୍ଚଳର ଗରିବ, ମହିଳା, ଶିଶୁ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ମାନସିକ ବିକାରଗ୍ରସ୍ତ, ଶ୍ରମଜୀବି, ଏଚ୍‌ଆଇଭି ପୀଡ଼ିତ, ଦୁର୍ଘଟଣାରେ ପୀଡ଼ିତ ଓ ବିଚାରାଧୀନ ବନ୍ଦୀମାନଙ୍କର ମାଗଣାରେ ଆଇନ ସେବା ପାଉାକୁ ଆଇନଗତ ଭାବରେ ହକଦାର ବୋଲି ଆଲୋଚନା କରିଥିଲେ। ଏହି ଶିବିରରେ ସାମିଲ ହୋଇଥିବା ୬୦ଜଣ ମହିଳାଙ୍କ ମଧରେ ଆଇନ ସେବାର ଆବଶ୍ୟକତା ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ଯୁଧିଷ୍ଠିର ପ୍ରଧାନ ଓ ଅନ୍ନପୂର୍ଣ୍ଣା ଦେବୀ ଶିବିର ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ମହିଳା ବକ୍ସିଂ: ପୁରୀ ଜିଲାରୁ ୭ ଚୟନ

ପୁରୀ ଅଫିସ, ୪।୧୦: ଆସନ୍ତା ୧୦ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ପଞ୍ଚମ ବରିଷ୍ଠ ମହିଳା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା ହେବ। ଏଥିଲାଗି ସୋମବାର ପୁରୀ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୭ଜଣଙ୍କୁ ଚୟନ କରାଯାଇଛି। ଶିବିରକୁ ପୁରୀ ବକ୍ସିଂ ଏକାଡେମୀ ପରିଚାଳନା କରିଥିଲା। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ ବକ୍ସିଂ ସଂଘର ଉପସଭାପତି ସୁଦର୍ଶନ ସାହୁ ଯୋଗଦେଇଥିଲେ। ପ୍ରଦୀପ ଦାସ ଓ ବିଶ୍ୱଭୂଷଣ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ପାଣି ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ ଜଣାଇବା ପାଇଁ ଆସିଥିବା ବନମାଳୀନଗର ବାସିନ୍ଦା ।

# ପାଣି ସମସ୍ୟା ଦୂର ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ପୁରୀ ଅଫିସ,୪।୧୦** ଲୋକନାଥ ରୋଡ୍‌ସ୍ଥିତ କ୍ରିୟା ଯୋଗ ଆଶ୍ରମ ଗଳି ବନମାଳୀ ନଗର ରାସ୍ତାରେ ପାଣି ଜମୁଥିବା ସମସ୍ୟା ଦୂର କରିବା ଦାବି କରି ବସ୍ତିବାସିନ୍ଦା ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବସ୍ତିବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ବନମାଳୀ ନଗରର ମୁଖ୍ୟରାସ୍ତାଟି ଅଧିକ ଉଚ୍ଚତାରେ କାର୍ଯ୍ୟ ହେଉଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ସାହିରେ ଜମି ରହୁଛି। ଫଳରେ ଛାତ୍ରୀଛାତ୍ର ସ୍କୁଲ, ଟ୍ୟୁଶନ ଯାଇପାରୁ ନାହାନ୍ତି, ମହିଳାମାନେ ଘର ଅଳିଆ ପକାଇପାରୁ ନାହାନ୍ତି, ସ୍ୱଚ୍ଛ ଗାଡ଼ି ସାହିକୁ ଆସିପାରୁନାହିଁ ଓ ମଶା, ସରୀସୃପ ପାଣିରେ ରହୁଥିବାରୁ ନାନା ରୋଗର ଆଶଙ୍କା ରହୁଛି। ପୂର୍ବରୁ ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାରେ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଅନେକ ଦିନ ବିତିଯାଇଥଇଲେ ମଧ କୌଣସି ସୁଫଳ ମିଳି ନାହିଁ। ଏପରିକି କୌଣସି ଅଫିସର ମଧ ଏଥପ୍ରତି ଧ୍ୟାନ ଦେଉ ନାହାନ୍ତି। ସେହିପରି ପାଣି ଜମିଥିବା ସମୟରେ ଜେଇ ଏବଂ ଅନ୍ୟ ଅଧିକାରୀମାନେ ସାହିକୁ ଆସି ଅସୁବିଧା ଦେଖିବା ସହ ପାଣି କମିଲେ କାମ ଆରମ୍ଭ ହେବ ବୋଲି କହିଥିଲେ। ମାତ୍ର ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନି। ଫଳରେ ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି ଏବଂ ଲୋକେ ନାନା ଅସୁବିଧାରେ ପଡୁଛନ୍ତି। ତେଣୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଯଥାଶୀଘ୍ର ଦୂର କରିବା ପାଇଁ ବାସିନ୍ଦାମାନେ ଦାବି କରିଛନ୍ତି।

## ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣ ଶିବିର

**କଣାସ, ୪।୧୦(ଡି.ଏନ୍.ଏ.)** ଯୋଗ ବେଦାନ୍ତ ସେବା ସମିତି କଣାସ ଶାଖା ତରଫରୁ ରୁପୁରିଙ୍ଗି ପଞ୍ଚାୟତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରାର୍ଥୀମାନଙ୍କୁ ଚରିତ୍ରବାନ ହେବା, ବୌଦ୍ଧିକ ବିକାଶ, ସଂଯମ ସଦାଚାର ଆଦି ନିୟମ ପାଳନ କରିବା, ମାତୃପିତୃ ଭକ୍ତି କରିବା ଉପରେ ବିଭିନ୍ନ ନୀତି ଜ୍ଞାନ ପ୍ରଦାନ କରାଯାଇଥିଲା। ସେହିପରି ସୁସ୍ଥ ଓ ନିରୋଗ ରହି ରାଷ୍ଟ୍ରଗଠନରେ ବହୁମୂଲ୍ୟ ସହଭାଗିତା ହେବା ପାଇଁ ନିୟମିତ ଯୋଗ, ପ୍ରାଣାୟମ, ଆସନ କରିବାକୁ ପରାମର୍ଶ ଦିଆଯାଇଥିଲା। ମୋବାଇଲ ଫୋନର ଅତ୍ୟଧିକ ବ୍ୟବହାରରୁ ପିଲଙ୍କୁ ନିବୃତ ରଖିବା, କରୋନା ସମୟରେ ସଚେତନା ରହିବାକୁ ପରାମର୍ଶ ଦେବା ସହ ଜ୍ଞାନବର୍ଦ୍ଧକ ଖେଳ, ଆଧାତ୍ମିକ ପ୍ରଶ୍ନ ଉତ୍ତର ଓ ସଙ୍ଗୀତ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା।

## ଶିକ୍ଷାବିତ୍‌ଙ୍କ ପରଲୋକ

**ଅସ୍ତରଙ୍ଗ,୪।୧୦(ଡି.ଏନ୍.ଏ.):** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଗୁଡୁବଣାଇଁ ଗ୍ରାମର ପୂର୍ବତନ ଶିକ୍ଷକ ତଥା ଶିକ୍ଷାବିତ୍ ବିଶ୍ୱନାଥ ନାୟକ(୭୮)ଙ୍କ ରବିବାର ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଭୋବନା ମୁଖାଗ୍ନି ଦେଇଥିଲେ।

# ଆରଦଙ୍ଗା, ସୁହାଗପୁର ନାଳରେ ଦଳ ଭର୍ତ୍ତି

**ଜଳ ନିଷ୍କାସନ ବାଧାପ୍ରାପ୍ତ**

**କଣାସ,୪।୧୦(ସ୍ୱ.ପ୍ର.):** ପୁରୀ ଜିଲାର କଣାସ ବ୍ଲକରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ମାସ ମାସ ଧରି ବର୍ଷା ଓ ବନ୍ୟାଜଳ ବିଲରେ ଜମି ରହି ଧାନ ଗଛ ନଷ୍ଟ ହେଉଛି। ଏଥିସହ ବିଲରେ କଇଁଫୁଲ ଫୁଟୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଆରଦଙ୍ଗା ଓ ସୁହାଗପୁର ନାଳ ପୋତି ହୋଇପଡିବା ସହ କଳିକତି ଦଳ ଜମା ହୋଇଛି। ଫଳରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ଠିକ୍ ସେ ହୋଇପାରୁ ନାହିଁ। ଉକ୍ତ ଅଞ୍ଚଳର ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡାଳସିଂହ, ବିନ୍ଧଣ, ଗଡସାହି, ଖଣ୍ଡହଟା, ଆଳିବାଡ, ଯାମଲଗୋଦା, ଗଡିଶାଗୋଦା ପଞ୍ଚାୟତ ଅଞ୍ଚଳର ଜମିରେ ବର୍ଷା ଓ ବନ୍ୟାଜଳ ଜମି ରହିଛି। ତ୍ରିଲୋଚନପୁର ପଞ୍ଚାୟତର ନୂଆପଡା ଗ୍ରାମର ଅନେକ ଜମିରେ ପାଣି ଜମି ରହିବା ସହ କଇଁଫୁଲ ଫୁଟୁଥିବା ଦେଖିବାକୁ ମିଳିଛି। ଉକ୍ତ ନାଳ ଖନନ ସହ ଦଳ ସଫା କରିବାକୁ ଚାଷୀମାନେ ଡ୍ରେନେଜ୍ ବିଭାଗ ନିକଟରେ ଦାବି କରିଆସୁଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ, ୪।୧୦:** ନିମାପଡ଼ାସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ନିମାପଡ଼ା ବାମଦେଇପୁରରର ଘନଶ୍ୟାମ ବେହେରାଙ୍କ ସମେତ କେତେଜଣ ବାସିନ୍ଦା ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଘନଶ୍ୟାମଙ୍କ ସ୍ତ୍ରୀ ମନସ୍ୱିନୀ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ପରୀକ୍ଷା ସହ ଅଲଟ୍ରା ସାଉଣ୍ଡ ପାଇଁ କୁହାଯାଇଥିଲା। ପେଟରେ ଷ୍ଟୋନ ହୋଇଥିବା କହି ଅପରେଶନ ଲାଗି ପରାମର୍ଶ ଦିଆଯାଇଥିଲା। ବିଜୁ ସ୍ୱାସ୍ଥ୍ୟବୀମା କାର୍ଡରେ ମାଗଣାରେ ଅପରେଶନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପାଳନ କରାଯାଇ ନ ଥିଲା। ଗୁରୁତର ଅବସ୍ଥାରେ ରୋଗୀ ଥିବା କହି କର୍ମଚାରୀ ଟଙ୍କା ମାଗିଥିଲେ। ୨୧ ହଜାର ଟଙ୍କା ଦେବା ପରେ ଲାପ୍ରୋସ୍କୋପି ଅରରେଶନ ହୋଇଛି ବୋଇ କହିଥିଲେ। ତେବେ ରୋଗୀ ଚେତା ନ ଫେରିବାରୁ କଟକ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। କଟକରେ ଚିହ୍ନାଥିବା ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଚିକିତ୍ସା ଲାଗି ମଧ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେଠାରେ ୩୫ ହଜାର ଟଙ୍କା ଦେବାକୁ ପଡ଼ିଥିଲା ବୋଲି ଘନଶ୍ୟାମ କହିଛନ୍ତି। ନିମାପଡ଼ାର ସମ୍ପୃକ୍ତ ହସ୍ପିଟାଲ ଆହୁରି ଟଙ୍କା ନେବା ଲାଗି ଜାଗଜପତ୍ର ଫେରାଉନାହିଁ। ତେଣୁ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

# ବିନା ଶୁଳ୍କରେ ବିଦ୍ୟୁତ ଯୋଗାଣ ଦାବିରେ ଧାରଣା

**ପୁରୀ ଅଫିସ, ୪।୧୦:** ଓଡ଼ିଶାରେ ବିଦ୍ୟୁତ ଦର ବୃଦ୍ଧି ଓ ତ୍ରୁଟିପୂର୍ଣ୍ଣ ବିଲ୍‌କୁ ବିରୋଧ କରିବା ସହ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିନା ଶୁଳ୍କରେ ବିଦ୍ୟୁତ୍ ଯୋଗାଇବା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଦାବି କରିଛି। ଏ ନେଇ ଏଏପିର ପୁରୀ ଜିଲା ଶାଖା ତରଫରୁ ସୋମବାର ରେଡକ୍ରସ ରୋଡସ୍ଥିତ ବିଦ୍ୟୁତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ବିଭାଗୀୟ ଏସ୍‌ଡିଓଙ୍କୁ ଦାବିପତ୍ର ନକଲ ଦିଆଯାଇଛି। ଶକ୍ତିମନ୍ତ୍ରୀ ଏବଂ ଓଇଆର୍‌ସିଙ୍କୁ ଡାକ ମାଧ୍ୟମରେ ଦାବିପତ୍ର ପଠାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଧାରଣାରେ ଏଏପିର ଜିଲା ଆବାହକ ସଞ୍ଜୀବ କୁମାର ମହାନ୍ତି, ମିଡିଆ ସଂଯୋଜକ ସମୀର ସାମନ୍ତରାୟ, ସାମାଜିକ ମିଡିଆ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଜିଲା ସମ୍ପାଦକ ବଶିଷ୍ଠ ରଥ, କୋଷାଧ୍ୟକ୍ଷ ଅଭିଷେକ ପାଣିଗ୍ରାହୀ, ସାମାଜିକ କର୍ମୀ ପବିତ୍ର ମୋହନ ଦଳାଇ ପ୍ରମୁଖ ସାମିଲ ଥିଲେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ଆଲୋଚନା



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ।

**ପୁରୀ ଅଫିସ,୪।୧୦** ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଘ ଆଖେଡା ମଠ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ଡ. କାର୍ତ୍ତିକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ଆୟ ଓ ସମ୍ମାନ କିଭଳି ସୁରକ୍ଷା କରାଯାଇପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ପେନସନ ଭୋଗୀଙ୍କୁ ୭୦ ବର୍ଷବୟସରେ ୧୦ ପ୍ରତିଶତ ବର୍ଦ୍ଧିକ ହାରରେ ପେନସନ ଦେବା, ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ବୈଠକରେ କୈଳାସ ଚନ୍ଦ୍ର ଦାସ, ମୁରଲୀଧର ବରାଳ, ଅଶୋକ ମହାନ୍ତି, ରବି ନାରାୟଣ ପଟ୍ଟନାୟକ, ବିଜୟଚରଣ ମହାନ୍ତି ଏବଂ ସତ୍ୟନାରାୟଣ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ବଟକୃଷ୍ଣ ସ୍ୱାଇଁ, ଶ୍ରୀନିବାସ ବେହେରା, ତ୍ରିବିକ୍ରମ ବେହେରା, ଶରତ ସାହୁ, ଯଦୁମଣି ମିଶ୍ର, ଗୋଲକ ଚନ୍ଦ୍ର ଜେନା, ଦେବେନ୍ଦ୍ର ତ୍ରିପାଠୀ ଓ ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ସଂଲଗ୍ନ ନୋ ପାର୍କିଂ ଜୋନ୍‌ରେ କାର୍

- ନୀରବଦ୍ରଷ୍ଟା ସାଜିଛି ପୋଲିସ
- ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ନିକଟରେ ଥିବା କାର୍ ।

**ପୁରୀ ଅଫିସ,୪।୧୦:** ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିର୍ଦ୍ଧାରିତ ଅଞ୍ଚଳରେ ଯାନବାହନ ରହିପାରିବ ନାହିଁ। ମାର୍କେଟ ଛକପଟୁ ଚାରିଚକିଆ ଯାନ ଆସିଲେ ମରିଚିକୋଟ ଛକଠାରେ ଅଟକାଯିବ। ଯାତ୍ରୀଙ୍କ ଗାଡ଼ି ମାର୍କେଟ ଛକସ୍ଥିତ ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳୀରେ ରହିବ। ଏଭଳି କଟକଣା ପୁରୀ ପୋଲିସ ଜାରି କରିଥିବାବେଳେ ନିଜେ ହିଁ ତାହାକୁ ଅଣଦେଖା କରୁଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ରାସ୍ତାକୁ ଚାରିଚକିଆ ଯାନ ଆସୁଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚୁପ୍ ବସୁଛି। ରବିବାର ରାତିରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏକ ଲାଲ୍ ରଙ୍ଗର କାର୍ (ନଂ. ଓଆର୍ ୦୫ଟି ୦୭୮୦) ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ପାଖରେ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଗାଡ଼ିଟି ଏଠାକୁ କିଏ ଆଣିଲେ ଓ ଏଥିଲାଗି ତାଙ୍କୁ କେଉଁ ଅଧିକାରୀ ଅନୁମତି ଦେଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏ ନେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ସାଧାରଣରେ ଦାବି ହେଉଛି।

ଉକ୍ତ କାର୍‌ର କାଗଜପତ୍ର ସମୟସୀମା ଶେଷ ହୋଇସାରିଛି। ଗତବର୍ଷ ସେପ୍ଟେମ୍ବର ୫ ତାରିଖଠାରୁ ଗାଡ଼ିର ବୀମା ସୁରକ୍ଷା ଶେଷ ହୋଇଥିବା ବେଳେ ୨୦୧୯ ସେପ୍ଟେମ୍ବରଠାରୁ ଫିଟନେସ୍ ସାର୍ଟିଫିକେଟ୍ ନାହିଁ। ୨୦୧୯ରୁ ଗାଡ଼ି ଟ୍ୟାକ୍ସ ଭରଣାର ସମୟସୀମା ମଧ ସରିଛି। ଅର୍ଥାତ୍ ଗାଡ଼ିଟି ବେଆଇନ ଭାବେ ଚଳାଚଳ କରୁଥିବା ବେଳେ ପୋଲିସ ଏହାର କାଗଜପତ୍ର ଯାଞ୍ଚ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛି। ପୁରୀ ସହରର ବାସିନ୍ଦା ଦେବରାଜ ଦାସ କହିଛନ୍ତି, ପ୍ରତି ସନ୍ଧ୍ୟାରେ ପତିତପାବନଙ୍କୁ ଦର୍ଶନ କରିବାକୁ ଯିବା ବେଳେ ସିଂହଦ୍ୱାର ସମ୍ମୁଖରେ ଦୁଇ ମିନିଟ୍ ଅଟକିବାକୁ ବି ଦିଆଯାଉନାହିଁ। ଜରିମାନା ଡର ଦେଖାଇ ତୁରନ୍ତ ହଟାଇ ଦିଆଯାଉଛି। ସେହିଭଳି ଶ୍ରୀମନ୍ଦିର ଚାରିପାଖରେ ସାଇକେଲଟିଏ ଦେଖିଲେ ମଧ ପୋଲିସ କ୍ରେନ୍ ଲଗାଇ ଉଠାଇ ନେଉଛି। ମାତ୍ର କାର୍ କିଭଳି ଭାବେ ଶ୍ରୀମନ୍ଦିର ସମ୍ମୁଖରେ ଆସି ଠିଆ ହେଉଛି ତାହା ବୁଝାପଡୁନାହିଁ।

ଅନ୍ୟପକ୍ଷରେ ଟ୍ରାଫିକ୍ ଥାନା ଆଇଆଇସି ଦିଲୀପ କୁମାର ଧଳଙ୍କୁ ଏ ସମ୍ପର୍କରେ ପଚରାଯିବାରେ କହିଛନ୍ତି, ରାତ୍ର ସମୟରେ ଗହଳି କମିବା ପରେ ମଧ କୌଣସି ଗାଡ଼ିକୁ ନିର୍ଦ୍ଧାରିତ ଅଞ୍ଚଳକୁ ଛଡ଼ାଯାଉନାହିଁ। କେବଳ ଅନୁମତି ଥିବା ଚାରିଚକିଆ ଯାନ ଯାତାୟତ କରୁଛି। ଏକ ଚାରିଚକିଆ ଯାନ ସିଂହଦ୍ୱାର ସମ୍ମୁଖରେ ଠିଆ ହୋଇଥିବାର ଅଭିଯୋଗ ଆସିଛି। ଏହାର ତଦନ୍ତ କରାଯିବା ସହ ଆଜିଠାରୁ ଅଧିକ କଡ଼ାକଡି ଭାବେ ଯାନବାହନର ଗତିବିଧିକୁ ଯାଞ୍ଚ କରିବା ପାଇଁ ପିସିଆର୍ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି।


ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ମହିଳା ପ୍ରତିଯୋଗୀଙ୍କ ସହ ପୁରୀ ଜିଲା ବକ୍ସିଂ ଆସୋସିଏଶନ କର୍ମକର୍ତ୍ତା ।



ବିନା ଶୁଳ୍କରେ ବିଦ୍ୟୁତ୍ ଯୋଗାଣ ଦାବିରେ ଏଏପି ପକ୍ଷରୁ ଧାରଣା ।


ପୁରୀ ପୌରପରିଷଦ ପକ୍ଷରୁ ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅବସରରେ ସମ୍ବର୍ଦ୍ଧିତ ସଫେଇ କର୍ମଚାରୀ ।

**ବ୍ଲୁ ଡିଜିଟାଲ ମିଡିଆର ବାର୍ଷିକ ଉତ୍ସବ**

**ଯାଁଳା,(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ଯାଁଳା ପଞ୍ଚାୟତର ଓଗାଳପଡ଼ା ଠାରେ ବ୍ଲୁମିଡିଆ ସଫ୍ଟୱେର କମ୍ପାନୀର ୧୭ ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି କମ୍ପାନୀରେ ୱେବଡିଜାଇନ, ସଫ୍ଟୱେର ଡେଭଲପ, ଭିଡିଓ କ୍ରିଏଶନ, ସୋସିଆଲ ମିଡିଆ ଆୱାରନେସ ଆଦି ବିଭିନ୍ନ କାର୍ଯ୍ୟ କରାଯାଇଥାଏ। ଏଥିରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସଞ୍ଜୁକ୍ତା ମହାନ୍ତି, ସୁନୀଲ କୁମାର ରାଉତରାୟ, ସୌମ୍ୟ ରଞ୍ଜନ ଦାସ, ସୁଶାନ୍ତ କୁମାର ନାଥ, ଜିତେନ୍ଦ୍ର କୁମାର ପାହାଡସିଂ, ବେଣୁଧର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କମ୍ପାନୀର ଫାଉଣ୍ଡର ତଥା ମୁଖ୍ୟ ପରିଚାଳକ ପ୍ରଭାତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

## ସଂକ୍ଷେପରେ

### ବୋଲେରୋ-ମିନିଟ୍ରକ୍ ଧକ୍କା, ଚାଳକ ଆହତ

**ବୋଲଗଡ଼, ୪।୧୦ (ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ଥାନା ଅଞ୍ଚଳର ବ୍ରହ୍ମପୁରା ଛକ ନିକଟରେ ସୋମବାର ଭୋରରୁ ଏକ ବୋଲେରୋ ସହ ମିନିଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ନିକଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ବୋଲେରୋ (ଓଡି ୨୫କେ ୬୭୫୫) ସହ ବିପରୀତ ପଟୁ ଆସୁଥିବା ମିନିଟ୍ରକ (ଓଆର ୦୨ଏଜେ ୨୧୨୫)ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ଥାନାକୁ ଆଣିଥିଲା।

### କୁଶଭଦ୍ରା ନଦୀରୁ ବାଲି ଉଠାଣକୁ ବିରୋଧ

**ବାଲିଅନ୍ତା, ୪।୧୦(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ କୂଳସାହି ଗ୍ରାମ ନିକଟ କୁଶଭଦ୍ରା ନଦୀରୁ ଉଠୁଥିବା ବାଲିକୁ ସ୍ଥାନୀୟ ଲୋକେ ଏକଜୁଟ ହୋଇ ସୋମବାର ବନ୍ଦ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋ ଅନୁଯାୟୀ, ଏହି ନଦୀର କୂଳସାହି ଗ୍ରାମ ନିକଟରେ ୨୦୦୮ ମସିହା ଏକ ଘାଇ ସୃଷ୍ଟି ହୋଇଥିଲା। ନଦୀରେ ପଠା ନ ଥିବାରୁ ବନ୍ୟାପାଣି ବନ୍ଧରେ ମାଡ଼ ହେଉଛି। ଏହାକୁ ଦୃଷ୍ଟିରେ ରଖି ସୃଷ୍ଟ ଘାଇ ନିକଟ ବନ୍ଧ ପାର୍ଶ୍ୱରୁ ବାଲି ନ ଉଠାଇବା ପାଇଁ ସେମାନେ ଦାବି କରିଛନ୍ତି। ଏହା ସତ୍ତ୍ୱେ ବାରମ୍ବାର ନଦୀରୁ ବାଲି ଉଠାଯାଉଥିବାରୁ ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ନଦୀକୂଳକୁ ଯାଇ ବାଲି ଉଠାକୁ ବନ୍ଦ କରିଥିଲେ। ଫଳରେ ବାଲି ଉଠାଣକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବାଲିଅନ୍ତା ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସନ୍ଧ୍ୟାରେ ଗ୍ରାମର ମୁରବୀମାନେ ବାଲିଅନ୍ତା ଥାନାଧିକାରୀ ଯୁବରାଜ ସ୍ୱାଇଁଙ୍କୁ ଭେଟି ବାଲି ଉଠାଣ ବନ୍ଦ କରିବାକୁ ନିବେଦନ କରିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

**ଜଟଣୀ,୪।୧୦(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ବଡତୋଟା ଗ୍ରାମର ସାମାଜିକକର୍ମୀ ଦିବାକର ମହାଖୁଡ(୮୬)ଙ୍କ ପରଲୋକ ହୋଇଯାଇଛି। ସେ ବଡ଼ତୋଟା ବେଲପଡା ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ସ୍ଥାନୀୟ ହୋମିଓପାଥି ଚିକିତ୍ସାଳୟର ପ୍ରତିଷ୍ଠାତା ସଭାପତିଭାବେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ବିଭିନ୍ନ ମଠ, ମନ୍ଦିର ସହିତ ଗ୍ରାମର ବିକାଶ ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହି ଏବଂ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ନଟବର ସ୍ୱାଇଁ, ଲକ୍ଷ୍ମୀଧର ବେହେରା, ପବିତ୍ର ସ୍ୱାଇଁ,ନଗେନ୍ଦ୍ର ଦତ, ସହଦେବ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡପୁଅ ବିଜୟାନନ୍ଦ ମହାଖୁଡ ମୁଖାଗ୍ନି ଦେଇଥିଲେ।

# ଗଞ୍ଜେଇ ଚାଲାଣ ମାଧ୍ୟମ ପାଲଟିଛି ଏନ୍ଏଚ୍

**ଖୋର୍ଦ୍ଧା ଅଫିସ,୪।୧୦**

ଖୋର୍ଦ୍ଧା ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି। ବ୍ରାଉନସୁଗାର ପରେ ଗଞ୍ଜେଇ କାରବାର କାୟାବିସ୍ତାର କରିବାରେ ଲାଗିଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରୁ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି ଗଞ୍ଜେଇ। ଏଠାରୁ ଜାତୀୟ ରାଜପଥ (ଏନ୍ଏଚ୍) ଦେଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏଥିସହ ଟ୍ରେନରେ ମଧ୍ୟ ଗଞ୍ଜେଇ ଚାଲାଣ କରାଯାଉଛି। ଖୋର୍ଦ୍ଧାରୋଡ ଷ୍ଟେଶନରୁ ଆର୍‌ପିଏଫ୍ ପୋଲିସ ଏକାଧିକ ଚାଲାଣକାରୀଙ୍କୁ ଗିରଫ କରିଥିବା ନଜିର ରହିଛି। ଏସ୍‌ଟିଏଫ୍, ପୋଲିସ, ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ବେପାରୀମାନେ ସେମାନଙ୍କ ଏଜେଣ୍ଟଙ୍କ ମାଧ୍ୟମରେ ନିଜ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ବହୁ ଯୁବପିଢି ଏହି କାରବାରରେ ଲିପ୍ତ ରହୁଛନ୍ତି। ୨୦୨୦ ଫେବୃଆରୀରୁ ଗତ ରବିବାର (ଅକ୍ଟୋବର ୩) ସୁଦ୍ଧା ପୋଲିସ ଓ ଅବକାରୀ ଚଢ଼ାଉ କରି ପ୍ରାୟ ୧୦କୁଇଣ୍ଟାଲ ୬୭କେଜି ୩ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୧୦ରୁ ଊର୍ଦ୍ଧ୍ୱ ବେପାରୀଙ୍କୁ ଗରଫ କରିଛି।

ପ୍ରକାଶ ଯେ, ୨୦୨୦ ଫେବୃଆରୀରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଜଣଙ୍କ ଘରେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କଠାରୁ ୧କୁଇଣ୍ଟାଲ ୬୦କେଜି ଗଞ୍ଜେଇ ଜବତ ହୋଇଥିଲା। ମାର୍ଚ୍ଚ ୧୯ରେ ୧୬ନଂ. ଜାତୀୟ ରାଜପଥ ତୋଟାପଡା ଛକ ନିକଟରେ ଅବକାରୀ ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ଟିମ୍ ୨୩ କେଜି ଗଞ୍ଜେଇ ବସ୍ତା ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଜୁନ୍ ୪ରେ ୧୬ନଂ. ଜାତୀୟ ରାଜପଥର ସଦର ଥାନା ନିକଟରେ ଆନ୍ଧ୍ର ପଟୁ ଆସୁଥିବା ଏକ ପିଆଜ ବୋଝେଇ ଟ୍ରକରୁ ନାରକୋଟିକ୍ସ ଟିମ୍ ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ମେ’ ୫ରେ ବୋଲଗଡ଼ ଥାନା ଅଧୀନ ଅସରଳା ଗ୍ରାମରେ ଅବକାରୀ ପୋଲିସର ଏକ ଟିମ୍ ଚଢ଼ାଉ କରି ୭୫କେଜି ଗଞ୍ଜେଇ ବସ୍ତା, ୨ଲକ୍ଷ ୬ହଜାର ଟଙ୍କା, ଏକ କାର୍ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଅଗଷ୍ଟରେ ବେଗୁନିଆ ପୋଲିସ ଧଳାପଥରରେ ଚଢ଼ାଉ କରି ୨୨କେଜି ୨୭୦ଗ୍ରାମ ଗଞ୍ଜେଇ ଓ ୨୭ ହଜାର ୨ଶହ ଟଙ୍କା ଜବତ କରିଥିଲା। ଏଥିସହ କଳାପଥର ଖଜୁରୀପଦାର ଜଣଙ୍କୁ ଗିରଫ କରିଥିଲା। ନଭେମ୍ବରରେ ଜଙ୍କିଆ ଥାନା ଅଧୀନ ଗୋଡିପଡା ଟୋଲଗେଟ ନିକଟରେ ଏନସିବିର ଏକ ଟିମ୍ ଚଢ଼ାଉ କରି ଏକ କତା ବୋଝେଇ ଗାଡିରୁ ୭୦୦କେଜି ଗଞ୍ଜେଇ ଜବତ କରିଥିଲା। ଡିସେମ୍ବରରେ ଖୋର୍ଦ୍ଧା ଅବକାରୀ ଏବଂ ଜିଲା ଅବକାରୀ ସ୍କ୍ୱାଡ୍ ମିଳିତ ଭାବେ ବୋଲଗଡ଼ ଥାନା ଅଧୀନ ଟାଙ୍ଗୀ ସାହିରେ ଚଢ଼ାଉ କରି ୭କେଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରିଥିଲା। ଅଗଷ୍ଟ ୧୬ରେ ଖୋର୍ଦ୍ଧା ପୋଲିସ ୫କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ସେପ୍ଟେମ୍ବର ୮ରେ ଜଟଣୀ ପୋଲିସ ଏଚ୍‌ପିସିଏଲ ନିକଟରୁ ୫କେଜି ୩ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ କୁସୁମାଟିର ଜଣଙ୍କୁ ଗିରଫ କରିଥିଲା। ସେପ୍ଟେମ୍ବର ୨୮ରେ ଖୋର୍ଦ୍ଧା ଟାଉନ ପୋଲିସ ୧୬ନଂ. ଜାତୀୟ ରାଜପଥ ପେଟ୍ରୋଲ ପମ୍ପ ନିକଟ ଏକ କାରରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏନେଇ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି, ଖୋର୍ଦ୍ଧାରେ ନିଶା କାରବାର ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। ଗତ ବର୍ଷକ ମଧ୍ୟରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଓ ଗଞ୍ଜେଇ ଜବତ କରାଯାଇଛି।

**ଖୋର୍ଦ୍ଧାରେ ବଢୁଛି ଚୋରା କାରବାର**

- ୧୮ ମାସରେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜବତ, ୧୦ଗିରଫ
- ସାହି ଗଳିକନ୍ଦିରେ ବଢୁଛି ବେପାର

### କାର୍, ଅଟୋରୁ ଗଞ୍ଜେଇ ଜବତ: ୪ ଅଟକ

**ବେଗୁନିଆ,୪।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ସ୍ପେଶାଲ ସ୍କ୍ୱାଡ୍ ଓ ବେଗୁନିଆ ପୋଲିସ ମିଳିତଭାବେ ସୋମବାର ବଡ଼ବେରଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ସହ ଏକ କାର୍ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତଦନ୍ତ ଚାଲୁଥିବାରୁ ଏ ସମ୍ପର୍କରେ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଛି। ଏନେଇ ମଙ୍ଗଳବାର ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେବେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସୋମବାର ପୂର୍ବାହ୍ନ ୮ଟା ୩୦ରେ ବେଗୁନିଆ ଥାନା ଅନ୍ତର୍ଗତ ବଡବେରଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ କାର୍ ଅଟକିଥିଲା। ସେଠାରେ ଦୁଇ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବାରୁ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଖବରପାଇ ଖୋର୍ଦ୍ଧା ସ୍ପେଶାଲ ସ୍କ୍ୱାଡ୍ ଏବଂ ବେଗୁନିଆ ପୋଲିସ ମଧ୍ୟ ପହଞ୍ଚିଥିଲେ। କାରରେ ଗଞ୍ଜେଇ ବସ୍ତା ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଗଞ୍ଜେଇ ସହ କାର୍ ଜବତ କରିଥିଲା। ସେହିପରି ବାଘମାରୀ ଥାନା ପୋଲିସ ବଡ଼ବେରଣା ନିକଟରୁ ଏକ ଗଞ୍ଜେଇ ବୋଝେଇ ଅଟୋ ଜବତ କରିଛି। ଏହି ଘଟଣାରେ ପୋଲିସ ଦୁଇ ମହିଳାଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।



ପୁରୀ: ମା’ ବାଙ୍କିମୁହାଁଣ ରାମଚଣ୍ଡୀଙ୍କ ଷୋଡ଼ଶୀ ବେଶ।

## ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

**ନିରାକାରପୁର,୪।୧୦(ଡି.ଏନ୍.ଏ.)**

ଆୟୁଷ ଡାକ୍ତରମାନେ ସେମାନଙ୍କର ପେଶାକୁ ସ୍ଥାୟୀ ଦାବିରେ କର୍ତ୍ତବ୍ୟରେ ରହି ଅସହଯୋଗ ଆନ୍ଦୋଳନ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରିଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ମେଡିକାଲ ସମେତ ଆଖପାଖ ମେଡିକାଲରେ ଦେଖିବାକୁ ମିଳିଛି। ୨୦୦୭ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଥିବା ସମୟରେ ରାଜ୍ୟ ସରକାର ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। ଦୀର୍ଘ ୧୪ବର୍ଷ କାର୍ଯ୍ୟ କରିବା ପରେ ମଧ୍ୟ ନ୍ୟାଯ୍ୟ ଦାବିରୁ ବଞ୍ଚିତ କରାଯାଉଛି। ଚାକିରିର ସ୍ଥାୟିତ୍ୱ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଗାନ୍ଧୀ ଜୟନ୍ତୀରୁ ମେଡିକାଲର ଓପିଡିରେ ରୋଗୀ ସେବା କରିବୁ କିନ୍ତୁ ଅନ୍ୟ କୌଣସି କାମରେ ସହଯୋଗ କରିବୁ ନାହିଁ ବୋଲି ନିରାକାରପୁର ଆୟୁଷ ଡାକ୍ତର ଅଶ୍ୱିନୀ କୁମାର ସ୍ୱାଇଁ ଏବଂ ଟାଙ୍ଗୀ ବ୍ଲକ ଆୟୁଷ ଡାକ୍ତର ସଂଘ ସଭାପତି ମନୋରଞ୍ଜନ ସାହୁ କହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ରାଜ୍ୟସ୍ତରୀୟ ମହିଳା ବକ୍ସିଂ: ପୁରୀ ଜିଲାରୁ ୭ ଚୟନ

**ପୁରୀ ଅଫିସ, ୪।୧୦**

ଆସନ୍ତା ୧୦ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ପଞ୍ଚମ ବରିଷ୍ଠ ମହିଳା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା ହେବ। ଏଥିଲାଗି ସୋମବାର ପୁରୀ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୭ଜଣଙ୍କୁ ଚୟନ କରାଯାଇଛି। ଶିବିରକୁ ପୁରୀ ବକ୍ସିଂ ଏକାଡେମୀ ପରିଚାଳନା କରିଥିଲା। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ ବକ୍ସିଂ ସଂଘର ଉପସଭାପତି ସୁଦର୍ଶନ ସାହୁ ଯୋଗଦେଇଥିଲେ। ପ୍ରଦୀପ ଦାସ ଓ ବିଶ୍ୱଭୂଷଣ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଅଭିଯୁକ୍ତଙ୍କ ଗିରଫ ଦାବିରେ ସୋମବାର ମୃତକଙ୍କ ପରିବାର ଓ ଗ୍ରାମବାସୀ ଖୋର୍ଦ୍ଧା ଏସ୍‌ପି ଅଫିସ୍ ଘେରାଉ କରିଛନ୍ତି।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପି ଅଫିସ ଘେରାଉ

**ଖୋର୍ଦ୍ଧା ଅଫିସ,୪।୧୦**

**ପଥରରେ ଛେଚି ନାବାଳକଙ୍କୁ ହତ୍ୟା ଘଟଣା**

- ଜଣଙ୍କୁ ଗିରଫ କରି ଚୁପ ବସିଛି ପୋଲିସ
- ଭୋଜିରେ ସାମିଲ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ବେରୁଆପଡ଼ା ଗାଁର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ରଞ୍ଜନ(୧୬)ଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେ ହେଲେ ରଣପୁର ଥାନା ସୁଆଁସିସାହିର ରାଜେଶ ପାଣ୍ଡି ଓରଫ ରାଜୁ। ତେବେ ହତ୍ୟାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

ମୃତକଙ୍କ ଅଜାଙ୍କ କହିବାନୁଯାୟୀ, ଗିରଫ ଅଭିଯୁକ୍ତ ରାଜୁଙ୍କ ଏକ ବାଇକ୍ ଗ୍ୟାରେଜ ରହିଛି। ଏହି ଗ୍ୟାରେଜରେ ରଞ୍ଜନ ଗତ ଦେଢ଼ ମାସ ହେବ କାମ କରୁଥିଲା। ଗ୍ୟାରେଜରେ ଭୋଜି ଅଛି, ରାତିରେ ଫେରିବ ନାହିଁ ଶୁକ୍ରବାର ମୁଁ ଛାଡି ଦେଇଯିବି ବୋଲି କହି ରଞ୍ଜନଙ୍କୁ ସାଥିରେ ନେଇ ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତ ରାଜୁ ଯାଇଥିଲା। ଶୁକ୍ରବାର ରଞ୍ଜନଙ୍କ ମୃତ୍ୟୁ ଘଟିଥିବା ଜଙ୍କିଆ ପୋଲିସଠାରୁ ଖବର ପାଇଥିଲୁ। ଏହି ଘଟଣାରେ ପୋଲିସ ରାଜୁଙ୍କୁ ଗିରଫ କରିଛି। ସେ ରଞ୍ଜନଙ୍କୁ ହତ୍ୟା କରିଥିବା ଥାନାରେ ପଚରାଉଚରା ବେଳେ ସ୍ୱୀକାର କରିଥିବା ପୋଲିସ କହିଛି। ତେବେ ଗିରଫ ଅଭିଯୁକ୍ତ ପୋଲିସ ଆଗରେ ଦେଇଥିବା ବୟାନକୁ ନେଇ ପରିବାର ଲୋକେ ଗ୍ରହଣ କରିପାରିନାହାନ୍ତି। ଏହି ହତ୍ୟାରେ ଅନ୍ୟମାନଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରିଛନ୍ତି। ଜଣେ ବ୍ୟକ୍ତି କିପରି ମୃତଦେହକୁ ବାଇକ୍ ପଛପଟେ ବସାଇ ତାଙ୍କ ଅଣ୍ଟାକୁ ଏକ କପଡାରେ ବାନ୍ଧିଲେ ବୋଲି ମୃତକଙ୍କ ମାମୁ ସଞ୍ଜୟ ଦଳାଇ କହିଛନ୍ତି। ଭୋଜିରେ ଯୋଗଦେଇଥିବା ଅନ୍ୟ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ପେଟ୍ରୋଲ ନ ଆଣିବାରୁ ତାଙ୍କୁ ହତ୍ୟା କରିବା ଘଟଣାକୁ ଅଭିଯୁକ୍ତଙ୍କ ମନଗଢା କାହାଣୀ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

### ୪୨ ପେଟି ମଦ ଜବତ

**ଜଟଣୀ,୪।୧୦(ଡି.ଏନ୍.ଏ.)**

ଜଟଣୀ ଅଞ୍ଚଳରେ ଚୋରା ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ଜଟଣୀ ପୋଲିସ ବୁଢ଼ାପଡ଼ା ଛକ ନିକଟରେ ଚଢ଼ାଉ କରି ୪୨ ପେଟି ମଦ ଜବତ କରିଛି। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା (ନଂ.୫୧୦/୨୧) ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡିଛି।

### ଶିଶୁଅନନ୍ତ ଯୁଥ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା

**ବାଲିପାଟଣା,୪।୧୦(ଡି.ଏନ୍.ଏ.)**

ଶିଶୁଅନନ୍ତ ଯୁଥ କ୍ଲବ ପକ୍ଷରୁ ସୋମବାର ଶିଶୁ ଅନନ୍ତ ପୀଠ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ସବରେ ବାଲିପାଟଣା ଥାନା ଆଇଆଇସି କୃପାସିନ୍ଧୁ ବରାଡ଼ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ କୋଭିଡ-୧୯ ପ୍ରାମାଣିକ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଶ୍ରେଷ୍ଠ ଚଳଚ୍ଚିତ୍ର ମାନ୍ୟତା ପାଇଥିବା ‘ଶିଶୁଅନନ୍ତ ଗାଥା’ର ନିର୍ଦ୍ଦେଶକ ଓ ପ୍ରଯୋଜକ ଶେଖ ଗୁଲଜାର ହୋସେନ, କାହାଣୀ ଲେଖିକା ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅତିଥିଭାବେ ଖବରଦାତା ରମେଶ ରଥ, ରାଜକିଶୋର ବେହେରା,ପ୍ରଭଞ୍ଜନ ସାହୁ, ସୁନିଲ କୁମାର ବେହେରା ଯୋଗଦେଇଥିଲେ। ଆକ୍ଷୟ କୁମାର ସାହୁ ସଭା ପରିଚାଳନା କରିଥିଲେ।

## କରୋନା ସଚେତନତା ରଥ ଉଦ୍‌ଘାଟିତ



ଏବିଡିଓ ରତିକାନ୍ତ ମିଶ୍ର ପତାକା ଦେଖାଇ କରୋନା ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି।

**ବୋଲଗଡ଼,୪।୧୦(ଡି.ଏନ୍.ଏ.)**

ବୋଲଗଡ ବ୍ଲକରେ କରୋନା ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ଏହି ବ୍ଲକ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରୁ ଏବିଡିଓ ରତିକାନ୍ତ ମିଶ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥିଭାବେ ବ୍ଲକ ମଙ୍ଗଳ ଅଧିକାରୀ ସୋମ୍ୟରଞ୍ଜନ ରାୟ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପ୍ରକାଶ ବଳିୟାରସିଂହ, ସିଡିପିଓ କ୍ରିଷ୍ଣା କୁମାରୀ ପ୍ରଧାନ, ଅଙ୍ଗନୱାଡି ସୁପରଭାଇଜର ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ, ଚିଲଡ୍ରେନ ଅଫ୍ ଇଣ୍ଡିଆ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ସଚେତନତା ରଥ ବୋଲଗଡ଼ ଗ୍ରାମ ସହ ନନ୍ଦପଲ୍ଲୀ, ବରହମପୁରା, ମରଦାବାଡି ଓ ପଞ୍ଚକୋଟ ଗ୍ରାମ ଆଦି ପରିକ୍ରମା କରିଛି। ସମସ୍ତେ କରୋନା ଟିକା ନେବା, ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲା। ଆଗାମୀ ୪ଦିନ ମଧ୍ୟରେ ଏହି ରଥ ବ୍ଲକର ୧୯ଟି ପଞ୍ଚାୟତ ପରିକ୍ରମା କରିବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ସଂଲଗ୍ନ ନୋ ପାର୍କିଂ ଜୋନ୍‌ରେ କାର୍




**ପୁରୀ ଅଫିସ,୪।୧୦**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିର୍ଦ୍ଧାରିତ ଅଞ୍ଚଳରେ ଯାନବାହନ ରହିପାରିବ ନାହିଁ। ମାର୍କେଟ ଛକପଟୁ ଚାରିଚକିଆ ଯାନ ଆସିଲେ ମରିଚିକୋଟ ଛକଠାରେ ଅଟକାଯିବ। ଯାତ୍ରୀଙ୍କ ଗାଡ଼ି ମାର୍କେଟ ଛକସ୍ଥିତ ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳୀରେ ରହିବ। ଏଭଳି କଟକଣା ପୁରୀ ପୋଲିସ ଜାରି କରିଥିବାବେଳେ ନିଜେ ହିଁ ତାହାକୁ ଅଣଦେଖା କରୁଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ରାସ୍ତାକୁ ଚାରିଚକିଆ ଯାନ ଆସୁଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚୁପ୍ ବସୁଛି। ରବିବାର ରାତିରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏକ ଲାଲ୍ ରଙ୍ଗର କାର୍ (ନଂ. ଓଆର୍ ୦୫ଟି ୦୭୮୦) ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ପାଖରେ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଗାଡ଼ିଟି ଏଠାକୁ କିଏ ଆଣିଲେ ଓ ଏଥିଲାଗି ତାଙ୍କୁ କେଉଁ ଅଧିକାରୀ ଅନୁମତି ଦେଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏ ନେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସାଧାରଣରେ ଦାବି ହେଉଛି। ଉକ୍ତ କାର୍‌ର କାଗଜପତ୍ର ସମୟସୀମା ଶେଷ ହୋଇସାରିଛି। ଗତବର୍ଷ ସେପ୍ଟେମ୍ବର ୫ ତାରିଖଠାରୁ ଗାଡ଼ିର ବୀମା ସୁରକ୍ଷା ଶେଷ ହୋଇଥିବା ବେଳେ ୨୦୧୯ ସେପ୍ଟେମ୍ବରଠାରୁ ଫିଟନେସ୍ ସାର୍ଟିଫିକେଟ୍ ନାହିଁ। ୨୦୧୯ରୁ ଗାଡ଼ି ଟ୍ୟାକ୍ସ ଭରଣାର ସମୟସୀମା ମଧ୍ୟ ସରିଛି। ଅର୍ଥାତ୍ ଗାଡ଼ିଟି ବେଆଇନ ଭାବେ ଚଳାଚଳ କରୁଥିବା ବେଳେ ପୋଲିସ ଏହାର କାଗଜପତ୍ର ଯାଞ୍ଚ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛି।

# ଏଥର ଆକର୍ଷଣ ସାଜିବ ପିତ୍ତଳ ଘଟ

**୯୩ ବର୍ଷରେ ଖୋର୍ଦ୍ଧା କ୍ଲବ ଦୁର୍ଗାପୂଜା**

**ଖୋର୍ଦ୍ଧା ଅଫିସ,୪।୧୦**

ଆଉ କିଛିଦିନ ପରେ ଧରାବତରଣ କରିବେ ଜଗିଜନନୀ ମା’ ଦୁର୍ଗା। ଚଳିତବର୍ଷ ଖୋର୍ଦ୍ଧା ସହରର ୫ଟି ମଣ୍ଡପରେ ମା’ ଦୁର୍ଗା ଓ ୪ଟି ମଣ୍ଡପରେ ହର ପାର୍ବତୀ ପୂଜା ପାଇବେ। ଏଥିଲାଗି ସମସ୍ତ ପୂଜାମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସେଥିମଧ୍ୟରୁ ଅନ୍ୟତମ ଖୋର୍ଦ୍ଧା କ୍ଲବ ସାର୍ବଜନୀନ ଦୁର୍ଗାପୂଜା କମିଟି। ଚଳିତ ବର୍ଷ ଏହି ପୂଜା କମିଟି ୯୩ବର୍ଷରେ ପଦାର୍ପଣ କରିଛି।

**୧୯୨୮ରୁ ପୂଜା ଆରମ୍ଭ**

୧୯୧୬ରେ ଖୋର୍ଦ୍ଧା କ୍ଲବ ଗଠିତ ହୋଇଥିଲା। ଶୈଳବାସିନୀ ଆମେଚର ଅଫିସର୍ସ କ୍ଲବରୁ ଏହା ପରବର୍ତ୍ତୀ ସମୟରେ ଖୋର୍ଦ୍ଧା କ୍ଲବ ଭାବେ ନାମିତ ହୋଇଥିବା କୁହାଯାଉଛି। ବ୍ରିଟିଶ ଶାସନ ସମୟରେ ପ୍ରାୟ ୧୯୨୮ ମସିହାରେ ଓଡ଼ିଆ ଏବଂ ବଙ୍ଗୀୟ ଅଫିସରଙ୍କ ପ୍ରଚେଷ୍ଟାରେ କ୍ଲବରେ ସାର୍ବଜନୀନ ଦୁର୍ଗା ପୂଜା କମିଟି ଗଠନ କରାଯାଇ ମା’ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସେତେବେଳେ ସ୍ଥାୟୀ ପୂଜାମଣ୍ଡପ ନ ଥିଲା। ୨୦୦୩ରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ବିଧାୟକ ପାଣ୍ଠିରୁ ୨୫ଲକ୍ଷ ମଞ୍ଜୁର କରିବା ପରେ ଏହି ଅର୍ଥରେ ସ୍ଥାୟୀ ପୂଜାମଣ୍ଡପ ସ୍ଥାପନ ହେଲା। ଚଳିତବର୍ଷ ପିତ୍ତଳର ୩ଟି ଚିତ୍ରିତ ଘଟ ପୂଜା ପାଇବେ। ମୁଖ୍ୟ ଘଟରେ ଦୁର୍ଗାଙ୍କ ଚିତ୍ରିତ ମୁଖମଣ୍ଡଳ ସହ ତମ୍ବା ମୁକୁଟ ପରିଧାନ କରିବେ। ଶ୍ରୀଗଣେଶଙ୍କର ଦୁଇଟି ଘଟ ରହିବ ବୋଲି କମିଟି କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ କହିଛନ୍ତି।



**ବୈଷ୍ଣବୀୟ ରୀତିରେ ପୂଜା**

ରାଧାଷ୍ଟମୀରେ ମାଟି ଉଠା ପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ୧୦ରୁ ୧୨ ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ ସହ ମୁକୁଟ ଓ ହାର ରୁପାରେ କରାଯାଇଥାଏ। ପ୍ରତିଦିନ ମଙ୍ଗଳ ଆଳତି, ବାଲଭୋଗ, ସେରୁଆ ଅନ୍ନ ଭୋଗ କରାଯାଏ। ଶୃଙ୍ଖଳା ଭୋଗ ଅର୍ପଣ ସହ ରାତି ୧୦ଟା ସୁଦ୍ଧା ପହୁଡ ନୀତି ସମ୍ପନ୍ନ ହୋଇଥାଏ। ମା’ଙ୍କୁ ବୈଷ୍ଣବୀୟ ରୀତିରେ ପୂଜା କରାଯିବା ସହ ଦଶମୀରେ ବିଶେଷ ପୂଜା କରାଯାଏ। ଏଠାରେ ପାଣିକଖାରୁ ବଳି ଦିଆଯାଏ।

**ତାରିଣୀ ପୂଜା ଓ ସିନ୍ଦୁର ଖେଳ**

ମୁଖ୍ୟ ଆକର୍ଷଣ ହେଉଛି ନବମୀରେ ମା’ଙ୍କ ନିକଟରେ ସିନ୍ଦୁର ଖେଳ ହୋଇଥାଏ। ଏଥିରେ ବଙ୍ଗୀୟ ମହିଳାମାନେ ଯୋଗଦେଇଥାନ୍ତି। ସେହିପରି ୫ଶହରୁ ଊର୍ଦ୍ଧ୍ୱ ମହିଳା ତାରିଣୀ ବ୍ରତ ପାଳନ କରନ୍ତି।

**୧୭ ପ୍ରକାର ଭୋଗ**

ମା’ଙ୍କ ନିକଟରେ ୧୭ ପ୍ରକାର ମିଠା ଭୋଗ ଯଥା ଗୋଲାପ ଜାମୁନ୍, ପେଡା, ରସଗୋଲା, ଲଡୁ, ଛେନା/କୋରାଖଇ, ରସାବଳି, ଚମଚମ, ଛେନା, ରାମବିଳାସ, ଜିଲାପି, ଦହିବରା, ଲୁଣି ଓ ମିଠାଖଜା, ବରଫି, ଗଜାମୁଗ ସାଲାଡ ପ୍ରଭୃତି ମିଷ୍ଟାନ୍ନ ଭୋଗ କରାଯାଏ। ନବମୀ ରାତିରେ ଅରୁଆ ଅନ୍ନ ସହ ଡାଲମା, ଖିରି, ଶାଗ ଭୋଗ ଲାଗି କରାଯାଏ। ତିନି ଦିନ ବ୍ୟାପୀ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଏ।

**ଏମାନେ କ’ଣ କୁହନ୍ତି...**



“ଏଠାରେ ୫ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ମାତ୍ର ଏଥର କୋଭିଡ୍ କଟକଣା ଯୋଗୁ ଏହା ବନ୍ଦ ରହିବ। କିଛି ବର୍ଷ ହେଲା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଝାଙ୍କି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଚଳିତବର୍ଷ ବଜେଟ ୫ଲକ୍ଷ ଟଙ୍କାର ରହିଛି।

**- ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ତଥା ପୂଜା କମିଟି ସଭାପତି।**



“କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ହେଲା ନିରାଡମ୍ବର ଭାବେ ପୂଜା ପାଳନ କରାଯାଉଛି। ତେବେ ରୀତିନୀତିରେ ପରିବର୍ତ୍ତନ କରାଯାଇନାହିଁ। ଏଥର ସାଂସ୍କୃତିକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ୪ଫୁଟ ମୂର୍ତ୍ତି ନିର୍ମାଣ ସହ ଚାରିପଟୁ ଆବଦ୍ଧ କରାଯାଇ ପୂଜା ଆୟୋଜନ ହେବ।

**- ସରୋଜ ସୁନ୍ଦର ପଟ୍ଟନାୟକ, ପୂଜା କମିଟି ସମ୍ପାଦକ।**